## ଇ-ଶ୍ରମ କାର୍ଡ ପାଇଁ ଟଙ୍କା ଆଦାୟ ଅଭିଯୋଗ

ମାର୍ଶାଘାଇ,(ଡି.ଏନ.ଏ.): ମାର୍ଶାଘାଇ ବ୍ଲକର ବିଭିନ୍ନ ଜନସେବାକେନ୍ଦ୍ରରେ ଇ -ଶ୍ରମ କାର୍ଡ ଦେବା ଆଳରେ ଶ୍ରମିକଙ୍କଠାରୁ ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି। ସରକାର ଶ୍ରମକାର୍ଡ ପାଇଁ ଥିବା ପଞ୍ଜୀକରଣ ବ୍ୟବସ୍ଥାକୁ ନିଃଶୁଳ୍କ ଘୋଷଣା କରିଥିଲେ ମଧ ପ୍ରତି ପଞ୍ଚାୟତରେ ଥିବା ଜନସେବାକେନ୍ଦ୍ରରେ ଶ୍ରମଜୀବୀଙ୍କଠାରୁ ୫୦ରୁ ୨ଶହ ଟଙ୍କା ପର୍ଯ୍ୟନ୍ତ ଆଦାୟ କରାଯାଉଛି। ପ୍ରତିଦିନ ଶତାଧିକ ଶ୍ରମିକ ଇ-ଶ୍ରମ କାର୍ଡ ପାଇଁ ଜନସେବାକେନ୍ଦ୍ରକୁ ଆସୁଛନ୍ତି। ଏହି ସୁଯୋଗରେ କେନ୍ଦ୍ର ପରିଚାଳକମାନେ ମନଇଚ୍ଛା ଟଙ୍କା ଆଦାୟ କରୁଥିବା ଶ୍ରମିକମାନେ କହୁଛନ୍ତି।

# ଜଳସେଚନ ବଦଳରେ ଜଳବନ୍ଦୀ

## ୪୦ ପ୍ରତିଶତ କମ୍ ଖରିଫ ଧାନ ଉତ୍ପାଦନ ଆଶଙ୍କା

କେନ୍ଦ୍ରାପଡ଼ା ଅଫିସ,୬।୧୦

ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ଜଳପଥ କେନ୍ଦ୍ରାପଡ଼ା ଜିଲାରେ ଅଛି। କୃଷିଭିତ୍ତିକ ଅର୍ଥନୀତିରେ ପରିଚାଳିତ ଏହି ଜଳପଥ ଜିଲାର ଉପକାରରେ ଲାଗିବା କଥା । ହେଲେ ଗତ ଲଘୁଚାପ ଜନିତ ଲଗାଣ ବର୍ଷା ଓ ନଦୀରେ ଆସିଥିବା ବନ୍ୟା ଜନଜୀବନକୁ ଅସ୍ତବ୍ୟସ୍ତ କରିଛି । ଜିଲାର ୮୮ ପଞ୍ଚାୟତବାସୀ ବର୍ଷା ଓ ବନ୍ୟା ଦ୍ୱାରା ଜଳବନ୍ଦୀ ଜୀବନ କାଟିଛନ୍ତି। କ୍ଷେତରୁ ମାସେ ପରେ ବି ଜଳ ନିଷ୍କାସନ ହୋଇପାର ନାହିଁ। ଫଳରେ ଚଳିତ ବର୍ଷ ଜିଲାରେ ପୂର୍ବାପେକ୍ଷା ୪୦ ପ୍ରତିଶତ କମ୍ ଖରିଫ ଧାନ ଉତ୍ପାଦନ ହେବ ବୋଲି ଆଶଙ୍କା ସୃଷ୍ଟି ହୋଇଛି। ଜଳ ନିଷ୍କାସନ ପାଇଁ ଜିଲା ପ୍ରଶାସନର କୌଣସି ସ୍ୱତନ୍ତ୍ର ଯୋଜନା ନାହିଁ । ଗତାନୁଗତିକ ଭାବେ ଅର୍ଥବ୍ୟୟ ହେଉଥିଲେ ମଧ୍ୟ ଜଳ ପରିଚାଳନାକୁ ଗୁରୁତ୍ୱ ଦିଆଯାଉ ନାହିଁ। ଚାଷୀ ଋଣ ଶୁଝିବା ଚିନ୍ତାରେ ଅଛନ୍ତି । ଏପରିକି କ୍ଷେତକୁ ଜଳସେଚନ ବଦଳରେ ଜିଲାବାସୀଙ୍କୁ ଜଳବନ୍ଦୀ ଜୀବନ କାଟିବାକୁ ପଡୁଛି ବୋଲି ମତାମତ ପ୍ରକାଶ ପାଇଛି ।



ଡେରାବିଶ ବ୍ଲକ ରଘୁଦେଇପୁର ଅଞ୍ଚଳର ଧାନ କ୍ଷେତରେ ଜମି ରହିଥିବା ବର୍ଷାଜଳ ।

ଉପରୋକ୍ତ ସମସ୍ୟା ସମ୍ପର୍କରେ ଓଳାଭରର ଶ୍ରୀକାନ୍ତ ଦାସ, ମାର୍ଶାଘାଇର ଉତ୍ତମ ସ୍ୱାଇଁ, ଅଳପୁଆର ନରେନ୍ଦ୍ର ଧଳ, ଡେରାବିଶର ହଳଧର ଦାଶ ପ୍ରମୁଖ କହିଛନ୍ତି, ରାଜକନିକା, ଆଳି ଓ ରାଜନଗର ବ୍ଲକ ଅଞ୍ଚଳରେ କେନାଲ ନାହିଁ । ଏଥିପାଇଁ ଚାଷ ସମୟରେ ଅଧିକାଂଶ ଜମି ଶୁଖିଲା ରହୁଛି । ଉଠା ଜଳସେଚନ ପଏଣ୍ଟଗଡ଼ିକ ବିଭିନ୍ନ କାରଣରୁ ଅଚଳ ହୋଇପଡ଼ିଛି । ଏପରି ଜମିରେ ଖରିଫ୍ ଚାଷ ପାଇଁ ସ୍ଥାନୀୟ ଜଳଉତ୍ସରୁ ମୋଟର ପମ୍ପ ଯୋଗେ ପାଣି ଉଠାଯାଉଛି । ଖର୍ଚ୍ଚ ଅଧିକ ହେଲେ ମଧ୍ୟ ଚାଷରୁ ଲାଭ ଆଶା ରଖି ଚାଷୀ ଋଣ କରୁଛି । ତେବେ ଲଗାଣ ବର୍ଷା ଓ ବିରୂପା, ବ୍ରାହ୍ମଣୀ, ଖରସ୍ରୋତା ନଦୀରେ ବନ୍ୟା ଜଳ ଆସି ଏହି ଅଞ୍ଚଳକୁ ମାସାଧିକ ସମୟ ବୁଡାଇ ରଖୁଛି। ଉଦ୍‌ବୃତ୍ତ ଜଳ ନିଷ୍କାସନ ହୋଇ ନ ପାରିବାରୁ ଖରିଫ ଚାଷ ଓ ପନିପରିବା ଫସଲ ନଷ୍ଟ ହେଉଛି। ଜଳବନ୍ଦୀ ଜୀବନ କାଟିବାକୁ ପଡୁଥିବା ବେଳେ ଚାଷ କ୍ଷତିର ଭରଣା କରିବା ସମ୍ଭବ ହେଉନାହିଁ । ଆଳି ଓ ପଟ୍ଟାମୁଣ୍ଡାଇ ବ୍ଲକ ମଧ୍ୟରେ ଥିବା ଧୋୟା ଅଞ୍ଚଳରେ ଚଳିତ ବର୍ଷର ପାଣି ବିପ୍ଳାତ ସବୁ ବର୍ଷର ରେକର୍ଡ ଭାଙ୍ଗିଛି । ପୂର୍ବରୁ ୧୫ ଦିନ ମଧ୍ୟରେ ଚାଷ ଜମିର ଜଳସ୍ତର କମି ଯାଉଥିବା ବେଳେ ଏଥର ଜଳ ନିଷ୍କାସନ ପାଇଁ ୨୫ରୁ ୩୦ ଦିନ ଲାଗିଛି । ଏହି ସମୟରେ ଧାନ ତଳି ପଚି ନଷ୍ଟ ହୋଇଛି । ପନିପରିବା ଫସଲ ବି ଉଜୁଡ଼ି ଯାଇଛି । ସେହିପରି ମାର୍ଶାଘାଇର ଗହଗା ପାଟ, କେନ୍ଦ୍ରାପଡ଼ା ବ୍ଲକ୍ ଅଞ୍ଚଳର ବିଲିପାଟ ସମେତ ମହାକାଳପଡ଼ା, ଡେରାବିଶ, ଗରଦପୁର ବ୍ଲକ୍‌ର ବହୁ ପାଟ ଅଞ୍ଚଳରେ ଖରିଫ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି । ସମୟ ଗଡ଼ି ଯାଇଥିବାରୁ ପାଟ ଅଞ୍ଚଳରେ ଖରିଫ ଚାଷ ସମ୍ଭବ ହେଉନାହିଁ। ଜିଲାର ୪୦ ପ୍ରତିଶତ ଖରିଫ ଧାନ ଉତ୍ପାଦ କମ ରହିବ । କ୍ଷତି ଭରଣା ପାଇଁ ବ୍ଲକ ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ ଏନେଇ କୌଣସି ସୁଫଳ ମିଳିନାହିଁ । ଜଳ ନିଷ୍କାସନ ବ୍ୟବସ୍ଥା ପାଇଁ କୌଣସି ସ୍ୱତନ୍ତ୍ର ଯୋଜନା ବିଭାଗ ପକ୍ଷରୁ କରାଯାଉ ନ ଥିବା ବେଳେ ବିଭିନ୍ନ ନଦୀ ଓ କେନାଲରେ ଦଳ ଭର୍ତ୍ତି ହୋଇ ନିଷ୍କାସନ ପଥକୁ ଅବରୋଧ କରୁଛି। ଏପରି କି କେତେକ ଜଳ ନିଷ୍କାସନ ପଥ ଉପରେ ଘର ନିର୍ମାଣ କରାଯାଇଛି । ଏହାର ନିରାକରଣ ପରିବର୍ତ୍ତେ ବିଭାଗ ପକ୍ଷରୁ ନଦୀ ଓ କେନାଲର ଉନ୍ନତୀକରଣ ନାମରେ ଅର୍ଥବ୍ୟୟ ଚାଲିଛି । ତୁରନ୍ତ କ୍ଷତି ଭରଣା ନ ହେଲେ ଯୁବବର୍ଗ ଓ ଉତ୍ସାହୀ ଚାଷୀ ଦାଦନ ଖଟିବାକୁ ଜିଲା ବାହାରକୁ ଯିବେ ବୋଲି କହିଛନ୍ତି । ଏସମ୍ପର୍କରେ ଜଳ ସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରବୋଧ କୁମାର ରାଉତ କହିଛନ୍ତି, ଜଳ ନିଷ୍କାସନ ସମସ୍ୟାକୁ ଗୁରୁତ୍ୱ ଦିଆଯାଇଛି । ବିଭିନ୍ନ ପ୍ରକଳ୍ପକୁ ମଞ୍ଜୁରୀ ମିଳିଥିବା ବେଳେ ଏନେଇ କାମ ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ଜଳ ନିଷ୍କାସନ ସମସ୍ୟାର ସମାଧାନ ହେବ ବୋଲି ନିର୍ବାହୀ ଯନ୍ତ୍ରୀ ରାଉତ ସୂଚନା ଦେଇଛନ୍ତି ।

## ସଂକ୍ଷେପରେ

### ଫେରାର ଅଭିଯୁକ୍ତ ଗିରଫ

ବାଲିକୁଦା,୬।୧୦(ସ୍ୱ.ପ୍ର.): ବାଲିକୁଦା ଥାନା ଅନନ୍ତପୁର ଫାଣ୍ଡି ଅଧୀନ ଓଷକଣା ପଞ୍ଚାୟତ ପାଣିତିରା ଗାଁର ଫେରାର ଅଭିଯୁକ୍ତ ସୁଦାମ ମଲ୍ଲିକଙ୍କୁ ମଙ୍ଗଳବାର ରାତିରେ ପୋଲିସ ଗିରଫ କରିଛି। ସୁଦାମଙ୍କ ନାମରେ ପୂର୍ବରୁ ଏକ ମାମଲା ଥିବା ବେଳେ କୋର୍ଟଙ୍କ ନିର୍ଦ୍ଦେଶକୁ ସେ ଅବମାନନା କରି ଚାଲିଥିଲେ। କୋର୍ଟ ତାଙ୍କ ନାମରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିଥିଲେ। ସୁଦାମଙ୍କୁ ଗିରଫ ପରେ କୋର୍ଟରେ ହାଜର କରାଇବା ପାଇଁ ଥାନାକୁ ନିର୍ଦ୍ଦେଶ ଦେଇଥିଲେ। ଏହିକ୍ରମେ ଫାଣ୍ଡି ଅଧିକାରୀ ଅନିରୁଦ୍ଧ ନାୟକ ସୁଦାମଙ୍କୁ ରାତିରେ ତାଙ୍କ ଘରୁ ଉଠାଇ ଆଣି ଥାନାରେ ଜିମା ଦେଇଥିଲେ। ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସୁଦମଙ୍କୁ ଜେଲକୁ ପଠାଇ ଦିଆଯାଇଛି।

### କିନ୍ନରଙ୍କ ଆକ୍ରମଣରେ ଅଟୋ ଚାଳକ ଗୁରୁତର

ରଘୁନାଥପୁର,୬।୧୦(ଡି.ଏନ.ଏ.): ରଘୁନାଥପୁର ଥାନା ତାରପୁର ବାଇପାସ୍‌ଠାରେ ଜଣେ କିନ୍ନରଙ୍କ ଆକ୍ରମଣରେ ଅଟୋ ଚାଳକ ଗୁରୁତର ହୋଇଥିବା ବୁଧବାର ଅଭିଯୋଗ ହୋଇଛି। ଆହତ ଯୁବକ ଏହି ଥାନା ଚିକିଣିଆ ଗାଁରେ ରହି ଅଟୋ ଚଳାଇ ଜୀବିକା ନିର୍ବାହ କରନ୍ତି। ମଙ୍ଗଳବାର ସନ୍ଧ୍ୟାରେ ମୃତ୍ୟୁଞ୍ଜୟ ଘରକୁ ଫେରୁଥିଲେ। ଏହି ସମୟରେ ଶାଳିଜଙ୍ଗାରେ ରହୁଥିବା ଜଣେ କିନ୍ନର ତାରପୁର ବଜାରରେ ତାଙ୍କୁ ଅଟକାଇ ଟଙ୍କା ମାଗିଥିଲେ। ଟଙ୍କା ନ ଦେବାରୁ କିନ୍ନର ଜଣଙ୍କ ତାଙ୍କ ବେକକୁ ଚାପି ଧରି ଏକ ଲୁହାରେ ମୁଣ୍ଡକୁ ଆକ୍ରମଣ କରିଥିଲେ। ପରିବାର ଲୋକ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରି ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ପାଖରୁ ୫ କିନନର ହଜାର ନେଇଥିବା ସେ ଅଭିଯୋଗ କରିଛନ୍ତି। କିନ୍ନରଙ୍କ ପରିଚୟ ମିଳି ନ ଥିବା ବେଳେ ଅଭିଯୋଗର ତଦନ୍ତ ଜାରି ରହିଥିବା ଆଇଆଇସି ଦେବେନ୍ଦ୍ର ମହାପାତ୍ର କହିଛନ୍ତି।

### ସୁଧୀରଞ୍ଜନଙ୍କୁ ସମ୍ମାନ

ପାରାଦୀପ,୬।୧୦(ସ୍ୱ.ପ୍ର.): ପିପିଏଲ କମ୍ପାନୀ କର୍ପୋରେଟ ଆଫେୟାର୍ସ ମୁଖ୍ୟ ସୁଧୀରଞ୍ଜନ ମିଶ୍ରଙ୍କୁ ଓଡ଼ିଶାର ଟପ- ୨୦ ପ୍ରେରଣାଦାୟକ ତାଲିକାରେ ସାମିଲ କରାଯାଇଛି। ଗତ ୨ ତାରିଖ ଗାନ୍ଧୀ ଜୟନ୍ତୀ ଅବସରରେ ଆୟୋଜିତ ଏକ ଖବରକାଗଜ ସଂସ୍ଥା ପକ୍ଷରୁ ଏହି ସମ୍ମାନ ଦିଆଯାଇଛି। ମିଶ୍ର ସୋସିଆଲ ମିଡିଆ, ଟେଲିଭିଜନ ଆଲୋଚକ ଓ ପ୍ରଭାବୀ ପ୍ରସଙ୍ଗ ଉପରେ ତଥ୍ୟ ସମ୍ବଳିତ ଆଲୋଚନା କରିଥାନ୍ତି। ଏହି ପୁରସ୍କାର ପ୍ରଦାନ ଉତ୍ସବରେ ଓମକାର ନାଥ ମହାନ୍ତି, ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଉପସ୍ଥିତ ଥିଲେ।

### ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ

ନାଉଗାଁ,୬।୧୦(ସ୍ୱ.ପ୍ର.): ଜଗତସିଂହପୁର ବ୍ଲକ ଅନ୍ତର୍ଗତ ମହିରା ଗାଁର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଭୟ କୁମାର ସ୍ୱାଇଁ (୭୨)ଙ୍କ ବିଦ୍ୟୁତ୍ ଆଘାତରେ ବୁଧବାର ବିୟୋଗ ଘଟିଛି। ସେ ନିଜ ବାଡିରେ କଦଳି ଗଛ କାଟୁଥିବା ବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ପରିବାର ଲୋକ ତାଙ୍କୁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ସ୍ତ୍ରୀଙ୍କ ସମେତ ୨ ପୁଅ ଗୋଟିଏ ଝିଅ ଅଛନ୍ତି। ସେ ଶ୍ରୀମା, ଶ୍ରୀଅରବିନ୍ଦଙ୍କର ଜଣେ ସକ୍ରିୟ କର୍ମୀ ଭାବେ କାର୍ଯ୍ୟ କରୁଥିଲେ।

### ଯୁବ କଂଗ୍ରେସ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

ରାଜନଗର,୬।୧୦(ଡି.ଏନ.ଏ.): ବୁଧବାର ରାଜନଗର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ରାଜନଗର ନିର୍ବାଚନମଣ୍ଡଳୀରେ ନବ ନିଯୁକ୍ତ ଯୁବକଂଗ୍ରେସ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସ୍ଥାନୀୟ ମା'ମାଟିଆମଙ୍ଗଳାଙ୍କ ପୀଠରେ ଅନୁଷ୍ଠିତ ଏହି ସଭା ଜିଲା କଂଗ୍ରେସ କମିଟି ସଭାପତି ଅଂଶୁମାନ ମହାନ୍ତି ଯୋଗଦେଇ ନୂତନ କର୍ମକର୍ତ୍ତାଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ରାଜନଗର ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଦେବାଶିଷ ମହାନ୍ତି, ରାଜନଗର ବ୍ଲକ ଯୁବ କଂଗ୍ରେସ ସଭାପତି ପ୍ରଭାତ ରାଉଳ, ପଟ୍ଟାମୁଣ୍ଡାଇ ବ୍ଲକ ଯୁବ କଂଗ୍ରେସ ସଭାପତି ସୀତାଂଶୁ ନାୟକ, ପଟ୍ଟାମୁଣ୍ଡାଇ ନଗର ଯୁବ କଂଗ୍ରେସ ସଭାପତି ଓଁକାର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜନଗର ବ୍ଲକ କଂଗ୍ରେସ କମିଟି ସଭାପତି ଦେବେନ୍ଦ୍ର କୁମାର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ କଂଗ୍ରେସ ନେତା ସନ୍ତୋଷ କୁମାର ମହାନ୍ତି, ଅଶୋକ କୁମାର ବଳ, ମୋହନ ଦାସ, ପାରେଶ୍ୱର ନାୟକ, ଦିଲ୍ଲୀପ ସିୟ ପ୍ରମୁଖ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ଉଦ୍‌ବୋଧନ ଦେଇଥିଲେ।



ଆର୍ଦ୍ରଭୂମିର ସୁରକ୍ଷା ପାଇଁ ଶପଥ ନେବାକୁ ଆସିଥିବା ଛାତ୍ରୀଛାତ୍ର, ଯୁବକ ଓ ବୁଦ୍ଧିଜୀବୀମାନେ ।

## ଆର୍ଦ୍ରଭୂମିର ସୁରକ୍ଷା ପାଇଁ ଶପଥ ନେଲେ ୮୦ଜଣ

ରାଜନଗର,୬।୧୦(ଡି.ଏନ.ଏ.)

ଆର୍ଦ୍ରଭୂମିର ସୁରକ୍ଷା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଛି ୱେଟ୍‌ଲ୍ୟାଣ୍ଡ ମିତ୍ର ବା ଆର୍ଦ୍ରଭୂମି ମିତ୍ର କାର୍ଯ୍ୟକ୍ରମ। ଆର୍ଦ୍ରଭୂମିର ସୁରକ୍ଷା ଓ ପୁନରୁଦ୍ଧାରରେ ସାଧାରଣ ଲୋକଙ୍କୁ ସାମିଲ କରିବା ପାଇଁ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଚଳିତମାସ ୪ରୁ ୧୦ ତାରିଖ ପର୍ଯ୍ୟନ୍ତ ଆର୍ଦ୍ରଭୂମି ସଂରକ୍ଷଣ ସପ୍ତାହ ପାଳନ କରାଯାଉଛି। ବୁଧବାର ରାଜନଗର ବନବିଭାଗ ପକ୍ଷରୁ ଭିତର କନିକା ଜାତୀୟ ଉଦ୍ୟାନର ଡାଙ୍ଗମାଳଠାରେ ଆର୍ଦ୍ରଭୂମି ମିତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବୁଦ୍ଧିଜିବୀଙ୍କଠାରୁ ଆରମ୍ଭ କରି ଛାତ୍ରୀଛାତ୍ର ଓ ଯୁବକମାନେ ସାମିଲ ହେବା ସହ ଆର୍ଦ୍ରଭୂମିର ସଂରକ୍ଷଣ ଓ ସୁରକ୍ଷା ପାଇଁ ସମୟ ଦେଇ କାମକରିବାକୁ ଶପଥ ନେଇଥିଲେ। ପ୍ରଥମ ଦିନ ୬୦ ଛାତ୍ରୀଛାତ୍ରଙ୍କ ସହିତ ୮୦ଜଣ ଶପଥ ନେଇଛନ୍ତି । ରାଜନଗର ଡିଏଫ୍‌ଓ ଡ. ଯଜ୍ଞଦତ୍ତ ପତି ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ଏବଂ ଭିତର କନିକା ଜାତୀୟ ଉଦ୍ୟାନ ଓ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଭଳି ଆନ୍ତର୍ଜାତିକ ଆର୍ଦ୍ରଭୂମିର ସୁରକ୍ଷାରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଭିତରକନିକା ଜାତୀୟ ଉଦ୍ୟାନ ଓ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ରାମସାର ସାଇଟ୍ ବା ୱେଟଲ୍ୟାଣ୍ଡ ଭାବେ ଘୋଷିତ ହୋଇଛି। ୨୦୦୨ରେ ଭିତରକନିକା ଓ ଗହୀରମଥା ଆନ୍ତର୍ଜାତିକ ଆର୍ଦ୍ରଭୂମିର ପରିଚୟ ପାଇଛି। ଆର୍ଦ୍ରଭୂମି ଅଞ୍ଚଳକୁ ଜବରଦଖଲ ମୁକ୍ତକରିବା, ତରଳ,କଠିନ ବର୍ଜ୍ୟବସ୍ତୁ ଯେପରି ବାହାରକୁ ଛଡା ନ ଯିବ, ସେନେଇ ଆର୍ଦ୍ରଭୂମି ମିତ୍ରମାନେ କାମ କରିବେ। ଏହି ଅବସରରେ ୬୭ତମ ବନ୍ୟପ୍ରାଣୀସପ୍ତାହରେ ଅନୁଷ୍ଠିତ ହୋଇଥିବା ଚିତ୍ରାଙ୍କନ, ପ୍ରବନ୍ଧ, ବକ୍ତୃତା ଓ କୁଇଜ ପ୍ରତିଯୋଗିତାର ୨୮ଜଣ କୃତି ପ୍ରତିଯୋଗିଙ୍କୁ ମାନପତ୍ର ଓ ଟ୍ରଫି ଦିଆଯାଇ ପୁରସ୍କୃତ କରାଯାଇଥିଲା।

## ସରକାରୀ ରାସ୍ତାରୁ ଜବରଦଖଲ ହଟୁ

ଡେରାବିଶ,୬।୧୦(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଚାଟରାଚକଡ଼ା ପଞ୍ଚାୟତ ଛତା ଛକଠାରୁ ତିଲକପୁର ପୂର୍ତ୍ତବିଭାଗ ରାସ୍ତାକୁ ଜବରଦଖଲ କରାଯାଇଛି। ଏହାକୁ ହଟାଇବା ପ୍ରତିବାଦରେ ବୁଧବାର ଚାଟରାଚକଡ଼ା ଗ୍ରାମବାସୀ ଖବରଦାତା ସମ୍ମିଳନୀ କରିଥିଲେ। ପୂର୍ବତନ ୱାର୍ଡସଭ୍ୟ ଲକ୍ଷ୍ମୀକାନ୍ତ ମହାନ୍ତି ସମ୍ମିଳନୀରେ କହିଛନ୍ତି, ରାସ୍ତାଟି ବ୍ଲକ ଅଞ୍ଚଳରେ ଗୁରୁତ୍ୱ ବହନ କରୁଛି। ଏହାକୁ ଦୃଷ୍ଟିରେ ରଖି ପୂର୍ତ୍ତ ବିଭାଗ ପକ୍ଷରୁ ୨ କୋଟି ୮୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ୩ କି.ମି. ରାସ୍ତାର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ହେଲେ ଗ୍ରାମ ଭିତରେ ରାସ୍ତା ଉପରେ କେତେଜଣ ବ୍ୟକ୍ତି ପାଚେରି ଓ ପାଇଖାନା ନିର୍ମାଣ କରିଛନ୍ତି। ଏ ନେଇ ତହସିଲଦାରଙ୍କୁ ନିବେଦନ କରିବାରୁ ଅମିନ ଓ ଆର୍‌ଆଇଙ୍କୁ ପଠାଇ ମାପଚୁପ ପରେ ତୁରନ୍ତ ଅବରୋଧ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଜବରଦଖଲକାରୀ ପୂର୍ବ ପରି ଅବରୋଧ କରି ଥିବାରୁ ରାସ୍ତା କାର୍ଯ୍ୟ ବନ୍ଦ ରହିଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି। ଏ ନେଇ ଜିଲାପାଳଙ୍କୁ ଲିଖିତ ଅଭିଯୋଗ ଦିଆଯାଇଛି। ୭ ଦିନ ମଧରେ ପ୍ରଶାସନ ପକ୍ଷରୁ ଯଦି କୌଣସି ପଦକ୍ଷେପ ନିଆ ନ ଯାଏ, ତେବେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳ ପାଇଁ ଅନଶନ ଜାରି ରହିବ। ଏଥିରେ ରଜନୀକାନ୍ତ ମହାନ୍ତି, ସୁଶାନ୍ତ କୁମାର ମିଶ୍ର, ସ୍ନେହମୟୀ ମିଶ୍ର, ଶାନ୍ତିଲତା ମିଶ୍ର ଆଦି ଉପସ୍ଥିତ ଥିଲେ।

## ପୋଖରୀ ସୌନ୍ଦର୍ଯ୍ୟକରଣରେ ୮୭ ଲକ୍ଷ ଖର୍ଚ୍ଚ ହେବ



ଗୋପାଳସାଗର ପୋଖରୀ ସୌନ୍ଦର୍ଯ୍ୟକରଣ ହେବାର ପୂର୍ବ ଚିତ୍ର।

ଜଗତ୍‌ସିଂହପୁର ଅଫିସ, ୬।୧୦

ଜଗତ୍‌ସିଂହପୁର ସହରରେ ଏକାଧିକ ପୋଖରୀ ପୋଖରୀ ଖରାଦିନେ ଶୁଖି ଯାଏ। କିନ୍ତୁ ଗୋପାଳସାଗର ପୋଖରୀରେ ବର୍ଷତମାମ ପାଣି ରୁହେ। କଟକ-ଜଗତ୍‌ସିଂହପୁର ମୁଖ୍ୟ ରାସ୍ତାର ଗୋପାଳସାଗର ସାଇ ମନ୍ଦିର ଛକପାର୍ଶ୍ୱରେ ଥିବା ଏହି ପୋଖରୀଟି ରହିଛି। ଯେହେତୁ ଜଗତ୍‌ସିଂହପୁର ସହରରେ ଲୋକଙ୍କ ଆମୋଦ ପ୍ରମୋଦ ପାଇଁ ସେଭଳି କିଛି ବ୍ୟବସ୍ଥା ନାହିଁ ତେଣୁ ଏହାର ଉନ୍ନତୀକରଣ ପାଇଁ ଚିନ୍ତା କରାଯାଇଛି। ଏହି କାମ ପୂର୍ଣ୍ଣ ହେଲେ ସହରର ପ୍ରଥମ ପୋଖରୀ, ଯେଉଁଠି ଲୋକଙ୍କ ମନୋରଞ୍ଜନ ପାଇଁ ସହାୟକ ହୋଇପାରିବ। ପାଖାପାଖି ଦେଢ ଏକର ଜମିରେ ଥିବା ଏହି ପୋଖରୀର ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ ବାବଦରେ ୮୭ ଲକ୍ଷ ଟଙ୍କା ଖର୍ଚ୍ଚହେବ ବୋଲି ଅଟକଳ କରାଯାଇଛି। ବର୍ଷାଦିନ ପରେ କାମ ଆରମ୍ଭ କରାଯିବ ବୋଲି ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ କୁହାଯାଇଛି।

ମୁଖ୍ୟ ରାସ୍ତା ପାର୍ଶ୍ୱ ଏହି ପୋଖରୀର ଏକ ପଟରେ ସାଇ ମନ୍ଦିର ରାସ୍ତା ରହିଛି। ଅବଶିଷ୍ଟ ୨ ପାର୍ଶ୍ୱରେ ହୁଡା ଅଛି। ତେବେ ପ୍ରଥମେ ପୋଖରୀ ଚାରିପଟେ ମାଟି ନ ଖସିବା ପାଇଁ ରିଟେନିଂ ୱାଲ୍ କରାଯିବ। ପରେ ପାଚେରି କରାଯିବା ସହ ଭିତରେ ଅନ୍ୟ କାମ ହେବ। ପାଚେରି ପାର୍ଶ୍ୱକୁ ଲାଗି ପୋଖରୀ ଚାରିପଟେ ପାଦଚଲା ରାସ୍ତା ନିର୍ମାଣ କରାଯିବ। ଏଥିସହ ବଗିଚା ସାଙ୍ଗକୁ ବସିବା ପାଇଁ ବେଞ୍ଚ ଓ ଡଷ୍ଟବିନ୍ ରଖାଯିବାର ବ୍ୟବସ୍ଥା ହେବ। ଲୋକେ ଶୌଚ ପାଇଁ ଶୌଚାଳୟ ନିର୍ମାଣ ସାଙ୍ଗକୁ, ଉଦ୍ୟାନ ସୃଷ୍ଟି କରାଯିବ। ଏହାବାଦ୍ ଏଲ୍‌ଇଡି ଲାଇଟ୍ ଲଗାଯିବା ସହ ପାନୀୟ ଜଳ ପାଇଁ କାମ ହେବ।

## ୧୨ ହେକ୍ଟର ଜମିରୁ ହଟିଲା ବେଆଇନ ଚିଙ୍ଗୁଡ଼ିଘେରି

ଏରସମା,୬।୧୦(ସ୍ୱ.ପ୍ର.)

ଏରସମା ବ୍ଲକ ଅନ୍ତର୍ଗତ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ଥିବା ବେଆଇନ ଚିଙ୍ଗୁଡି ଘେରି ଉଚ୍ଛେଦ ଅଭିଯାନ ବୁଧବାର ଆରମ୍ଭ ହୋଇଛି। ଜଗତ୍‌ସିଂହପୁର ଜିଲାପାଳ ଓ ରାଜନଗର ଲୁଣା ଜଙ୍ଗଲ ବନଖଣ୍ଡର ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଏହି ଅଭିଯାନ ଆରମ୍ଭ ହୋଇଛି। ବନଖଣ୍ଡର ସହକାରୀ ବନସଂରକ୍ଷକ ଅଧୀର କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ଅଭିଯାନର ପ୍ରଥମ ଦିବସରେ ୧୨ ହେକ୍ଟର ଜଙ୍ଗଲ ଜମିରୁ ଘେରି ଉଚ୍ଛେଦ କରାଯାଇଛି। ସାହାଡ଼ାବେଦୀ ଜଙ୍ଗଲ ଜମିଠାରୁ ଶିଆଳି ବେଳାଭୂମି ଦେଇ



ଜେସିବି ଲଗାଇ ଘେରି ଉଚ୍ଛେଦ ଚାଲିଛି।

ରାମତରା ପର୍ଯ୍ୟନ୍ତ ଏହି ଉଚ୍ଛେଦ କାର୍ଯ୍ୟ କରାଯାଇଥିଲା। ଏଥିରେ କୁଜଙ୍ଗ ରେଞ୍ଜ ଅଫିସର ରଞ୍ଜନ କୁମାର ମିଶ୍ର, ଏରସମା ତହସିଲର ଅତିରିକ୍ତ ତହସିଲଦାର ରଞ୍ଜନ କୁମାର ମହାନ୍ତି, ଏରସମା ଥାନା ଅଧିକାରିଣୀ ଲିଜାରାଣୀ ବିଶ୍ୱାଳ, ହାୱାଖାନା ଫରେଷ୍ଟର ନବୀନ ମଲ୍ଲିକଙ୍କ ସହ ଏକ ପ୍ଲାଟୁନ ପୋଲିସ ଘଟଣାସ୍ଥଳରେ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ, ଜଙ୍ଗଲ ଜମିକୁ କେତେଜଣ ବ୍ୟକ୍ତ ଜବରଦଖଲ କରି ଚିଙ୍ଗୁଡି ଘେରି କରିଛନ୍ତି। ଏହାଦ୍ୱାରା ଧାନ ଚାଷ କ୍ଷତିଗ୍ରସ୍ତ ହୋଇ ଆସୁଥିଲା। ଏଥିସହ ବର୍ଷା ଜଳ ପ୍ରଭାବରେ ଚାଷୀଙ୍କ ଧନ ଜୀବନ ବିପର୍ଯ୍ୟସ୍ତ ହେଉଥିବା ଅଭିଯୋଗ ହୋଇ ଆସୁଥିଲା। ଏହାକୁ ବିଚାରକୁ ନେଇ ମାସେ ତଳେ ବେଆଇନ ଘେରି ମାଲିକଙ୍କୁ ଉଚ୍ଛେଦ ପାଇଁ ତହସିଲ ପକ୍ଷରୁ ସୂଚନା ଦିଆଯାଇଥିଲା। ମଙ୍ଗଳବାର ଶେଷ ଦିନ ଥିଲା। ଏହି ସମୟ ମଧରେ ସେମାନେ ଘେରି ନ ଭାଙ୍ଗିବାରୁ ପ୍ରଶାସନ ଓ ବିଭାଗ ପକ୍ଷରୁ ଜବରଦସ୍ତ ବେଆଇନ ଘେରି ଉଚ୍ଛେଦ କରାଯାଇଛି।

## ଗୋଟିଏ ଫଟୋ ସମଗ୍ର କାହାଣୀର ମୁଖବନ୍ଧ ହୋଇପାରେ

କେନ୍ଦ୍ରାପଡ଼ା ଅଫିସ, ୬।୧୦

କେନ୍ଦ୍ରାପଡ଼ା ସହର ଇଚ୍ଛାପୁରସ୍ଥିତ ଏକ କଲ୍ୟାଣ ମଣ୍ଡପ ପରିସରରେ ଫଟୋଗ୍ରାଫି କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋଲକତାର ସୌମ୍ୟଜିତ ମିତ୍ରା, ଭୁବନେଶ୍ୱରର ଦେବେଶ ମାଝି, ଦେବାଂଶୁ ପଟ୍ଟନାୟକ, ସନ୍ତୋଷ କୁମାର ବେଜ, ସସ୍ମିତା ପ୍ରଧାନ ପ୍ରମୁଖ ବିଶେଷଜ୍ଞମାନେ ଫଟୋଗ୍ରାଫିର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିବା ସହିତ କ୍ୟାମେରା ସମ୍ପର୍କରେ ବିଭିନ୍ନ କୌଶଳ ଉପସ୍ଥାପନା କରିଥିଲେ। ସେମାନେ କହିଛନ୍ତି, ସମୟ ଗତିଶୀଳ । ଏହାକୁ ଧରି ରଖିବାକୁ କ୍ୟାମେରା ବ୍ୟବହାର ହେଉଛି । ଲେନ୍ସ ସମ୍ମୁଖରେ ଘଟୁଥିବା ଦୃଶ୍ୟାବଳୀ ଉପଯୁକ୍ତ ଜ୍ଞାନ ଓ କୌଶଳ ସହାୟତାରେ ଧରି ରଖିଲେ ପରିପୂର୍ଣ୍ଣ ଚିତ୍ର ଉପସ୍ଥାପନ କରିହେବ । ଗୋଟିଏ ଫଟୋ ସମଗ୍ର କାହାଣୀର ମୁଖବନ୍ଧ ହୋଇପାରେ । ଫଟୋଗ୍ରାଫି ଦ୍ୱାରା ଯୁବବର୍ଗଙ୍କ ଆର୍ଥିକ ସ୍ୱଚ୍ଛଳତା ଆସିପାରିବ । ବିବାହ ବ୍ରତ ଠାରୁ ଆରମ୍ଭ କରି ପ୍ରାକୃତିକ ବିପର୍ଯ୍ୟୟ, ୱାଇଲଡ ଲାଇଫ୍ ବୃତ୍ତଚିତ୍ର ନିର୍ମାଣ କ୍ଷେତ୍ରରେ ଏହାକୁ ସର୍ବଦା ଉପଯୋଗ କରାଯାଉଛି । ପୂର୍ବ କ୍ୟାମେରାଠାରୁ ଏବେ ଡିଏସ୍‌ଏଲ୍‌ଆର୍ ବହୁଳ ବ୍ୟବହାର ହେଉଛି। ତେବେ ମିରର କ୍ୟାମେରାକୁ ଆଧୁନିକ ପ୍ରଣାଳୀରେ ଉପଯୋଗ କରାଯାଉଛି। ଡିଜିଟାଲାଇଜେଶନ ଫଟୋଗ୍ରାଫି ସମ୍ପର୍କରେ ଏହି କର୍ମଶାଳାରେ ବିଭିନ୍ନ କୌଶଳ ପ୍ରଦର୍ଶନ କରାଯାଇଥିଲା । କେନ୍ଦ୍ରାପଡ଼ା ଜିଲାର ଯୁବ ଫଟୋଗ୍ରାଫର ଗତିକୃଷ୍ଣ ସାହୁ, ସାନ୍ତନୁ ମଲ୍ଲିକ, ଦୀପକ ଲେଙ୍କା, ଗୌତମ ସାହୁ ପ୍ରମୁଖ ଏହି କର୍ମଶାଳାକୁ ପରିଚାଳନା କରିଥିଲେ। ଏଥିରେ ୨୫ରୁ ଊର୍ଦ୍ଧ୍ୱ ଫଟୋଗ୍ରାଫର ସାମିଲ ହୋଇଥିଲେ ।

## ଜିରାଇଲୋକୁ ଧୋଇ ଅଞ୍ଚଳ ଘୋଷଣା କରାଯାଉ




ଜରାଇଲୋ ପଞ୍ଚାୟତର ଚାଷୀମାନେ ଏରସମା ତହସିଲରେ ସଭା କରୁଛନ୍ତି।

ଏରସମା,୬।୧୦(ସ୍ୱ.ପ୍ର.)

ଏରସମା ବ୍ଲକ ଜିରାଇଲୋ ପଞ୍ଚାୟତକୁ ସମ୍ପୂର୍ଣ୍ଣ ଧୋଇ ଅଞ୍ଚଳ ଘୋଷଣା ଦାବିରେ ଶତାଧିକ ଚାଷୀ ଏରସମା ତହସିଲ ସମ୍ମୁଖରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ ମହିମା ଆଶ୍ରମରୁ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରି ସଭାସ୍ଥଳରେ ପହଞ୍ଚିଥିଲେ। ସେଠାରେ ପ୍ରହ୍ଲାଦ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କୃଷକ ନେତା ଅଭିଜିତ ସାହୁ କହିଲେ, ବ୍ଲକର ଏକମାତ୍ର ଜଳ ନିଷ୍କାସନର ପଥ ଜଟାଧାର ମୁହାଣ ପୋତି ହୋଇଗଲାଣି। ଫଳରେ ଉଦ୍‌ବୃତ୍ତ ବର୍ଷା ଜଳ ନିଷ୍କାସନ ନ ହେବାରୁ ଜିରାଇଲୋ ପଞ୍ଚାୟତ ଚାଷ ଜମିରେ ପାଣି ଜମି ଧାନ ଗଛ ପଚି ଗଲାଣି। ଏ ସବୁର ଉପଯୁକ୍ତ ଆକଳନ ସହ ଧୋଇ ଅଞ୍ଚଳ ଘୋଷଣା ନ ହେଲେ ଅନିର୍ଦ୍ଦିଷ୍ଟକାଳ ଆନ୍ଦୋଳନ ଚାଲିବ। କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ, ମିଳିତ କମିଟି ଗଠନ କରି କ୍ଷୟକ୍ଷତିର ଆକଳନ, ସମସ୍ତ ପ୍ରକାର ଋଣ ଛାଡ କରିବା ଆଦି ୭ ଦଫା ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କ ଅନୁପସ୍ଥିତିରେ ଉପଅଧିକାରୀ ସୁବଳ ଗୋଛାୟତଙ୍କୁ ପ୍ରଦାନ କରିଥିଲେ। ବିକ୍ଷୋଭରେ ଯୋଗେନ୍ଦ୍ର ସାହୁ, ବିଜୟ ସାହୁ, ଦେବେନ୍ଦ୍ର ହାତୀ ପ୍ରମୁଖ ଚାଷୀ ସାମିଲ ହୋଇଥିଲେ।

## ନାକ୍ ଟିମ୍ ପାଇଁ ଆଲୁମ୍ନି ଆସୋସିଏଶନର ବୈଠକ

ପଟ୍ଟାମୁଣ୍ଡାଇ ୬।୧୦(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟକୁ ଆସନ୍ତା ୮ ଓ ୯ ତାରିଖରେ ନାକ ଟିମ୍ ପରିଦର୍ଶନରେ ଆସୁଛନ୍ତି । ଏହି ପରିପ୍ରେକ୍ଷୀରେ କଲେଜ ଆଲୁମ୍ନି ଆସୋସିଏଶନ ପକ୍ଷରୁ ଚୂଡ଼ାନ୍ତ ବୈଠକ ସଭାପତି ଭରତ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରାକ୍ତନ ଅଧକ୍ଷ ଅଧିକାରୀ ଲକ୍ଷ୍ମୀନାରାୟଣ ଦାଶ, ରମେଶ ଚନ୍ଦ୍ର ଜେନା, ଦେବବ୍ରତ ପ୍ରଧାନ, ପ୍ରଫେସର ଦୁର୍ଯ୍ୟୋଧନ ପରିଡ଼ା, ଆସୋସିଏଶନ ସମ୍ପାଦକ ଆଡଭୋକେଟ ଗୋପୀନାଥ ତ୍ରିପାଠୀ, ଉପସଭାପତି ରାଜେନ୍ଦ୍ର ଦାଶ, ପ୍ରଫେସର ଚନ୍ଦ୍ରାବତୀ ସ୍ୱାଇଁ ପ୍ରମୁଖ ଆଲୁମ୍ନି ଆସୋସିଏଶନର କର୍ମକର୍ତ୍ତା ଓ ସଭ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ନାକ ଟିମ୍ ପରିଦର୍ଶନ ସମୟରେ ଆସୋସିଏଶନର ସମସ୍ତ ସଭ୍ୟମାନେ ଉପସ୍ଥିତ ରହିବାକୁ ବୈଠକରେ ନିଷ୍ପତି ନିଆଯାଇଥିଲା ।

## ୭୪ ଏସ୍‌ଏଚ୍‌ଜିକୁ ୧ କୋଟି ୩୧ ଲକ୍ଷ ଋଣ ପ୍ରଦାନ

ଆଳି,୬।୧୦(ଡି.ଏନ.ଏ.)

ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ମିଶନ ଶକ୍ତି ଯୋଜନା ମାଧ୍ୟମରେ ଏସ୍‌ଏଚଜିକୁ ଋଣ ପ୍ରଦାନ କରାଯାଉଛି। ଏହିକ୍ରମରେ ମଙ୍ଗଳବାର ଆଳି ବ୍ଲକ ମିଶନ ଶକ୍ତି ପକ୍ଷରୁ ସିଙ୍ଗିରି ଇଣ୍ଡିଆନ ବ୍ୟାଙ୍କ ଶାଖା ପରିସରରେ ଋଣ ମେଳା ଅନୁଷ୍ଠିତ ହୋଇଥିଲା। ଆଳି ବ୍ଲକ ମିଶନ ଶକ୍ତି ସଂଯୋଜକ ହିମାଂଶୁ ଭଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଋଣ ମେଳାରେ ମୁଖ୍ୟଅତିଥି ଭାବେ ମିଶନ ଶକ୍ତି ଡିପିସି କେନ୍ଦ୍ରାପଡ଼ା କୈଳାସ ସେନାପତି, ଡିପିଏମ୍ ସତ୍ୟଭାମା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ବ୍ଲକର ୭୪ ସ୍ୱୟଂ ସହାୟକ ଗୋଷ୍ଠୀକୁ ୧ କୋଟି ୩୧ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଛି। ଇଣ୍ଡିଆନ ବ୍ୟାଙ୍କର ଶାଖା ପରିଚାଳକ ପ୍ରଭାସ ଚୌଧୁରୀ ୩୧ଟି ଏସ୍‌ଏଚ୍‌ଜିକୁ ୬୨ ଲକ୍ଷ ଟଙ୍କା ଋଣ ଯୋଗାଇ ଦେଇଛନ୍ତି। ସେହିପରି ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଆଳି ଶାଖା ପକ୍ଷରୁ ୨୨ ଏସ୍‌ଏଚ୍‌ଜିକୁ ୩୮ ଲକ୍ଷ ଓ କଳଦିଆ ଶାଖା ପକ୍ଷରୁ ୨୧ଏସ୍‌ଏଚ୍‌ଜିକୁ ୩୧ ଲକ୍ଷ ଋଣ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଆଳି ବ୍ଲକ ମିଶନ ଶକ୍ତିର ବିପିସି ପ୍ରକାଶ ଦାସ, ସୁଜାତା ବେହେରା, ଦୀପକ ମହାନ୍ତି, ମନୋରଞ୍ଜନ ପାଇଟଲ ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷକମାନେ ହିଁ ସମାଜର ପ୍ରକୃତ ସଂସ୍କାରକ

ଏରସମା,୬।୧୦(ସ୍ୱ.ପ୍ର.)

ଶିକ୍ଷକମାନେ ହିଁ ସମାଜର ପ୍ରକୃତ ସଂସ୍କାରକ ବୋଲି ଏରସମା ବ୍ଲକ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ପୀଠ ପରିସରରେ ମଙ୍ଗଳବାର ବିଶ୍ୱଗୁରୁ ଦିବସ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସଚେତନ ନାଗରିକ ମଞ୍ଚ ପକ୍ଷରୁ ଆୟୋଜିତ ଏହି ସଭାରେ ଶିବ ଚରଣ ରାଉତ, ରାଜା ନିରଞ୍ଜନ ପ୍ରସାଦ ଦାସ, ବିଚିତ୍ରାନନ୍ଦ ଦାସ, ଅକ୍ଷୟ କୁମାର ଖୁଣ୍ଟିଆ, ଅଭୟ କୁମାର ପ୍ରଧାନ, ଶକ୍ତିପ୍ରସନ୍ନ ସାମନ୍ତରାୟ, ବଂଶୀଧର ସ୍ୱାଇଁ ପ୍ରମୁଖ ୩୫ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ଅଧକ୍ଷ ଓ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜ୍ଞାନ ରଞ୍ଜନ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମଞ୍ଚର ସଭାପତି ପ୍ରବୀର ପଣ୍ଡା, ଉମାକାନ୍ତ ତରାଇ, ସରୋଜ ବେହେରା, ନିବାରଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## 'ମାଟିର ମୋହ' ପୁସ୍ତକ ଉନ୍ମୋଚିତ

ପଟ୍ଟାମୁଣ୍ଡାଇ,୬।୧୦(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ଏମ୍‌ଏନ୍ ହାଇସ୍କୁଲରେ କାର୍ଯ୍ୟରତ ରାଜ୍ୟ ପୁରସ୍କୃତ ଶିକ୍ଷୟିତ୍ରୀ ତଥା ଲେଖିକା ଆରାଧନା ଦାଶଙ୍କ ଲିଖିତ ପୁସ୍ତକ 'ମାଟିର ମୋହ' ଉନ୍ମୋଚିତ ହୋଇଯାଇଛି। ଏହି ଉପଲକ୍ଷେ ଏମ୍‌ଏନ୍ ହାଇସ୍କୁଲଠାରେ ପ୍ରଫେସର ଅନିରୁଦ୍ଧ ରାଉଳଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ସନାତନ ବେହୁରା ମୁଖ୍ୟଅତିଥି, ବିଶିଷ୍ଟ କବୟିତ୍ରୀ ଅନୁବାଦିକା ନବଜ୍ୟୋତି ରାୟ ମୁଖ୍ୟବକ୍ତା, ଖବରଦାତା ସଜିକାନ୍ତ ନାଥ, ପ୍ରାକ୍ତନ ପ୍ରଶାସକ ଡ. କେଲୁ ଚରଣ ସ୍ୱାଇଁ, ପ୍ରାଧାପକ ବିରଜାନନ୍ଦ ମହାନ୍ତି, ବନଫୁଲ ପ୍ରକାଶକ ବ୍ରହ୍ମପୁତ୍ର ନାୟକ, କବି ଡା. ମନୋରଞ୍ଜନ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ମାଟିର ମୋହ ପୁସ୍ତକର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଲେଖିକା ଦାଶ ସ୍ୱାଗତ ଭାଷଣ ଦେବା ସହ ପୁସ୍ତକ ସମ୍ପର୍କରେ ସୂଚନା ଦେଇଥିଲେ। କଣ୍ଡଣଅଣ୍ଡା ହାଇସ୍କୁଲ ପ୍ରଧାନ ଶିକ୍ଷକ କବି ସଚ୍ଚିତ୍ର ବେହୁରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଅଶୋକ କୁମାର ଦାସ ଧନ୍ୟବାଦ ଦେଇଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୭ ଅକ୍ଟୋବର, ୨୦୨୧

**ମଙ୍ଗଳବାରିଆ ସାହିତ୍ୟ ଆସର**

**ଯାଜପୁର ରୋଡ,(ଡି.ଏନ.ଏ.):** ସ୍ଥାନୀୟ ଡୋଲିପୁର ବ୍ୟାସଶ୍ରୀ କଳା ନିକେତନଠାରେ ଚିରନ୍ତନୀ ଓ ଆଜ୍ଞା ନମସ୍କାର ପତ୍ରିକା ସହଯୋଗରେ ମାସିକିଆ ସାରସ୍ୱତ ଆସର ଆରମ୍ଭ ହୋଇଛି । ଚିରନ୍ତନୀର ସମ୍ପାଦିକା ସଂଯୁକ୍ତା ମହାପାତ୍ରଙ୍କ ଆବାହନରେ ଓ ଆଜ୍ଞା ନମସ୍କାର ସମ୍ପାଦକ ବାଉଧର ମାଝିଙ୍କ ସଂଯୋଜନାରେ ମଙ୍ଗଳ ବାରିଆ ସାହିତ୍ୟ ଆସରର ଏହି ପ୍ରଥମ ସଭାରେ ସାରସ୍ୱତ ସାଧକ ନାରାୟଣ ଚନ୍ଦ୍ର ନାଏକ ସଭାପତିତ୍ୱ କରିଥିବା ବେଳେ ବିଶିଷ୍ଟ ଗାଳ୍ପିକ ନନ୍ଦ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କବି ଜଗତ ମୋହନ ଦାସ, ଅକ୍ଷୟ ପରିଡ଼ା, ମହେଶ୍ୱର ନାୟକ, ପୁରୁଷୋତ୍ତମ ପାତ୍ର, ହେମନ୍ତ ଧୀର, ସନାତନ ମଲ୍ଲିକ, ନୀଳମଣି ଜେନା, କବିତା ପାଠ କରିଥିଲେ ।



## ଆଜି କ'ଣ କେଉଁଠି

ଯାଜପୁର
- ଓଡ଼ିଶା ଶିଳ୍ପୀ ମହାସଂଘ, ନବମ ବାର୍ଷିକ ମହୋତ୍ସବ, ଓଳାଶୁଣୀ ପୀଠ, ଯାଜପୁର । ସକାଳ ୧୦ ଘଟିକା ।

## ସଂକ୍ଷେପରେ

### ମୃତ କୃଷକଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା

**ଧର୍ମଶାଳା,୬।୧୦(ଡି.ଏନ.ଏ.):** ଉତ୍ତର ପ୍ରଦେଶର ଲଖିମ୍‌ପୁରଠାରେ ଆନ୍ଦୋଳନ ସମୟରେ କେନ୍ଦ୍ରମନ୍ତ୍ରୀଙ୍କ ପୁଅ ଗାଡ଼ି ଚାପାରେ ମୃତ୍ୟୁବରଣ କରିଥିବା କୃଷକଙ୍କ ଉଦ୍ଦେଶ୍ୟରେ ଧର୍ମଶାଳା ବ୍ଲକ କଂଗ୍ରେସ ପକ୍ଷରୁ ବୁଧବାର ସନ୍ଧ୍ୟାରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଛି। ବ୍ଲକ କଂଗ୍ରେସ ସଭାପତି କିଷାନ ପଣ୍ଡାଙ୍କ ନେତୃତ୍ୱରେ ଶୋଭାଯାତ୍ରା ଜାରକା ବଜାରରୁ ବାହାରି ଗୋପବନ୍ଧୁ ଛକ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ରହି କେନ୍ଦ୍ରମନ୍ତ୍ରୀଙ୍କୁ ତୁରନ୍ତ ବରଖାସ୍ତ କରିବା ସହ ତାଙ୍କ ପୁଅଙ୍କୁ ଗିରଫ ଦାବି କରିଥିଲେ। ପରେ ସେଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ କୃଷକ ନେତା ବସନ୍ତ କୁମାର ପରିଡ଼ା, ପ୍ରଫୁଲ୍ଲ କୁମାର ରାୟ, ଦେବାଶିଷ ପରିଡ଼ା, କାର୍ତ୍ତିକ ସାହୁ, ବିପ୍ର ତ୍ରିପାଠୀ, ଉଗ୍ରେସନ ମହାନ୍ତି ଓ ବିନୋଦ ମଳିକ ପ୍ରମୁଖ ଉପସ୍ଥିତ ଥିଲେ।

### କାରଖାନାରୁ ଲୁଟ୍ ଘଟଣାରେ ଜଣେ କୋର୍ଟଚାଲାଣ

**କଳିଙ୍ଗନଗର,୬।୧୦(ଡି.ଏନ.ଏ.):** କଳିଙ୍ଗନଗର ଥାନା ଅଧୀନ ମିଶ୍ରିଲାଲ କାରଖାନନାରେ ପଶି କମ୍ପ୍ୟୁଟର ସାମଗ୍ରୀ ଲୁଟ୍ କରିବା ଘଟଣାରେ ବୁଧବାର ପୋଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହିତ ଲୁଟ୍ ସାମଗ୍ରୀ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ଏହି ଥାନା ଅର୍ନ୍ତଗତ କଇଥା ଗ୍ରାମର ବିଶ୍ୱଜିତ ଚକ୍ରା। ୪ ତାରିଖ ରାତିରେ ବିଶ୍ୱଜିତ କାରଖାନାରେ ପଶି ଅଫିସରୁ କମ୍ପ୍ୟୁଟର ପ୍ରିଣ୍ଟର, ଏଲଇଡି ଆଦି ସାମଗ୍ରୀ ଚୋରି କରିଥିଲେ। ଏନେଇ କାରଖାନା ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ.୨୧୯/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା ବୋଲି ଥାନାଧିକାରୀ ସୁଶାନ୍ତ କୁମାର ଦାସ ସୂଚନା ଦେଇଛନ୍ତି।

### ଜାତିର ପିତାଙ୍କ ଜୀବନ, ଆଦର୍ଶ ଶୀର୍ଷକ ପ୍ରତିଯୋଗିତା

**ରସୁଲପୁର,୬।୧୦(ଡି.ଏନ.ଏ.):** ରସୁଲପୁର ବ୍ଲକ କଲଣ ପଞ୍ଚାୟତରେ ଜାତିର ପିତାଙ୍କ ଜୀବନ, ଆଦର୍ଶ ଶୀର୍ଷକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ସରପଞ୍ଚ ସଂଗୀତାରାଣୀ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାର୍ଥୀଙ୍କୁ ନେଇ ବକ୍ତୃତା, ନୃତ୍ୟ, ଏକକ ଅଭିନୟ ଆଦି ପ୍ରତିଯୋଗିତା ହୋଇଥିଲା। ଏଥିସହିତ ବିଦ୍ୟାର୍ଥୀ ଓ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ପକ୍ଷରୁ ଏକ ଶୋଭାଯାତ୍ରା କରାଯାଇଥିଲା। ଦେଶାତ୍ମବୋଧକ ସଂଗୀତ ଗାନରୁ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଶିକ୍ଷାବିତ୍ ମନୋରଞ୍ଜନ ଶତପଥୀ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବରେ ରସୁଲପୁର ବ୍ଲକ ଅଧକ୍ଷା ସାରଦୀ ଜେନା, ମୁଖ୍ୟବକ୍ତା ସୁପ୍ରଭା ଜେନା, ସମ୍ମାନିତ ଅତିଥି ସରପଞ୍ଚ ସଂଗୀତାରାଣୀ ସାହୁ, ସବିତା ନାୟକ, ବ୍ୟାଙ୍କମିତ୍ର ନମିତା ମଲିକ, ପଞ୍ଚାୟତ ମହାସଂଘ ସଭାପତି ମନୋରମା ସାହୁ, ୱାର୍ଡସଭ୍ୟ ଦେବବ୍ରତ ସାହୁ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ମହାସଂଘ ସମ୍ପାଦିକା ମିନତୀ ମଲିକ ଧନ୍ୟବାଦ ଦେଇଥିଲେ।

# ମୈଥାନ କାରଖାନାରେ ଶ୍ରମିକ ଆନ୍ଦୋଳନ

## ନୋ ୱାର୍କ ନୋ ପେ ଲାଗୁ କଲେ କର୍ତ୍ତୃପକ୍ଷ

**କଳିଙ୍ଗନଗର,୬।୧୦(ଡି.ଏନ.ଏ.)**


ମୈଥାନ କାରଖାନା।

କଳିଙ୍ଗନଗର ଶିଳ୍ପାଞ୍ଚଳର ମୈଥାନ କାରଖାନାରେ ଗତ ମଙ୍ଗଳବାରଠାରୁ ଶ୍ରମିକ ଆନ୍ଦୋଳନ ଜାରି ରହିଛି । ଦରମା ପ୍ରଦାନରେ ତାରତମ୍ୟ ରହୁଥିବା ଅଭିଯୋଗ କରି ଶ୍ରମିକମାନେ କାମ ବନ୍ଦ ରଖିଛନ୍ତି । ଆନ୍ଦୋଳନ କାରଣରୁ କାରଖାନାରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ବୁଧବାର କାରଖାନା ପରିଚାଳନା କର୍ତ୍ତୃପକ୍ଷ ନୋ ୱାର୍କ ନୋ ପେ ନିୟମ ଲାଗୁ କରିଥିବା ସୂଚନା ମିଳିଛି। ତେବେ ଶ୍ରମିକମାନଙ୍କ ଆନ୍ଦୋଳନ ଉପରେ ଅଙ୍କୁଶ ଲଗାଇବା ପାଇଁ ଏହି ନାଲିଆଖି କୌଣସି ପ୍ରଭାବ ପକାଇବ ନାହିଁ ବୋଲି ଶ୍ରମିକ ମହଲରେ ଚେତାବନୀ ଦିଆଯାଇଛି।

ସୂଚନା ଅନୁଯାୟୀ, ଏହି କାରଖାନା ଏବେ ଯୌଥ ପରିଚାଳନାରେ ରହିଛି। ମେସ୍କୋ ଗ୍ରୁପ ଓ ଇନ୍ଦ୍ରାଣୀ ଗ୍ରୁପ ମଧ୍ୟରେ ୫୦ ପ୍ରତିଶତ ଭାଗୀଦାରିରେ କାରଖାନା ପରିଚାଳନା ହେବାକୁ ଚୁକ୍ତି ହୋଇଛି। ତେବେ ପୂର୍ବରୁ ଶତ ପ୍ରତିଶତ ମେସ୍କୋ ମାଲିକାନାରେ କାମ ଚାଲିଥିବାବେଳେ ଯେଉଁ ହାରରେ ଦରମା ପ୍ରଦାନ କରାଯାଉଥିଲା ଏବେ ତାହାକୁ କମାଇ ଦିଆଯାଇଥିବା ଶ୍ରମିକ ଓ କର୍ମଚାରୀ ଅଭିଯୋଗ କରିଛନ୍ତି । ଏବେ କାରଖାନାରେ ୧୦୫ ଜଣ ସ୍ଥାୟୀ ଓ ୧୦୦ ଜଣ ଅସ୍ଥାୟୀ ଶ୍ରମିକ କାମ କରୁଛନ୍ତି । କାରଖାନାର ବିଭିନ୍ନ ପାର୍ଶ୍ୱରେ ଗୁରୁତର ମରାମତି ଆବଶ୍ୟକତା ରହିଥିବାରୁ ଗତ ୫ ମାସ ହେଲା ମେଣ୍ଟନାନ୍ସ କାମ ଜାରି ରହିଛି। ମାତ୍ର ଶ୍ରମିକ ଆନ୍ଦୋଳନ ଫଳରେ ଏହି କାମ ବନ୍ଦ ହୋଇଯାଇଛି । ଶ୍ରମିକମାନେ ପୂର୍ବ ପରି ବର୍ଦ୍ଧିତ ଦରମା ଦାବି କରୁଥିବାବେଳେ ପରିଚାଳନା କର୍ତ୍ତୃପକ୍ଷ ମାତ୍ର ୧୦ ଟଙ୍କା ଅତିରିକ୍ତ ମଜୁରି ଦେବାକୁ ସମ୍ମତି ପ୍ରଦାନ କରିଛନ୍ତି । ଯାହାକୁ ନେଇ ମତାନ୍ତର ସୃଷ୍ଟି ହୋଇଛି । ଅନ୍ୟପକ୍ଷେ ବିଭିନ୍ନ ବର୍ଗ ପାଇଁ ସରକାର ଧାର୍ଯ୍ୟ କରିଥିବା ସର୍ବନିମ୍ନ ମଜୁରି ସାରଣୀକୁ ଏଠାରେ ପାଳନ କରାଯାଇ ଦରମା ପ୍ରଦାନ କରାଯାଉଥିବା ଓ ବୁଧବାର ଠାରୁ ସମସ୍ତଙ୍କ ପାଇଁ କାମ ନାହିଁ ତ ଦରମା ନାହିଁ ନୀତି ଲାଗୁ କରାଯାଇଥିବା ପରିଚାଳନା କର୍ତ୍ତୃପକ୍ଷ ନୋଟିସ ଦେଇଛନ୍ତି।

## ନଦୀରେ ବୁଡ଼ି ବୃଦ୍ଧ ମୃତ

**ବରୀ,୬।୧୦(ଡି.ଏନ.ଏ.)**

ନଦୀରେ ବୁଡ଼ି ବୁଧବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଯାଜପୁର ଜିଲା ବରୀ ବ୍ଲକ ଅଧୀନ ରତଳାଙ୍ଗ ପଞ୍ଚାୟତ ଗୌଡ଼ଲେଙ୍କା ଗ୍ରାମର ରତ୍ନାକର ମଲିକ(୭୯) । ସକାଳେ ରତ୍ନାକର ସ୍ଥାନୀୟ ଚିଙ୍ଗୁଡିଆ ନଦୀ ଶାଖା ନାଉପାଣିଆ ନାଳକୁ ଶୌଚ ହେବାକୁ ଯାଇଥିଲେ। ମାତ୍ର ସେଠାରେ ତାଙ୍କ ଗୋଡ଼ ଖସିଯିବାରୁ ସେ ନଦୀରେ ଭାସି ଯାଇଥିଲେ। ଉପସ୍ଥିତ ସେହି ଗ୍ରାମର କେତେଜଣ ଯୁବକ ତାଙ୍କୁ ଉଦ୍ଧାର କରି ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ମାତ୍ର ସେଠାରେ କିଛି ସମୟ ପରେ ତାଙ୍କର ମୃତ୍ୟୁ ହୋଇଥିଲା । ଖବର ପାଇ ବରୀ ରାମଚନ୍ଦ୍ରପୁର ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ.୧୮/୨୧ ରୁଜୁ ହୋଇଛି।

# ମଶାଣି ଜମିରେ ରାସ୍ତା ନିର୍ମାଣ

## କୋର୍ଟଙ୍କ ନିର୍ଦ୍ଦେଶରେ ତଦନ୍ତ ଆରମ୍ଭ

**ରସୁଲପୁର,୬।୧୦(ଡି.ଏନ.ଏ.)**

ରସୁଲପୁର ତହସିଲ ଅଧୀନ ବାରବାଟୀ ପଞ୍ଚାୟତର ମଶାଣି ଜମିରେ ରାସ୍ତା ନିର୍ମାଣ କରାଯାଇଛି। ସ୍ଥାନୀୟ ସରପଞ୍ଚ ସୁରଜିତ ମହାନ୍ତି ଏହି ଜମିରେ ନିଜ ଘରକୁ ସରକାରୀ ଅର୍ଥରେ ରାସ୍ତା ନିର୍ମାଣ କରିଛନ୍ତି। ଏକଥା ଜଣାପଡ଼ିବା ପରେ ଉକ୍ତ ରାସ୍ତା ନିର୍ମାଣକୁ ଅବୈଧ ଦର୍ଶାଇ ପଞ୍ଚାୟତର ସମିତିସଭ୍ୟ ଚୈତନ୍ୟ ନାୟକ ଯାଜପୁର ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ଆଧାରରେ ତଦନ୍ତ ହୋଇଛି। ହେଲେ ଆଇନ ଅନୁଯାୟୀ ମଶାଣି ଜବରଦଖଲକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ସମିତିସଭ୍ୟ ନାୟକ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳରେ କେସ ନଂ-ଡବ୍ଲୁପି.(ସି)ନମ୍ବର-୫୯୪/୨୦୨୧ରେ ମାମଲା ଦାଏର ହୋଇଥିଲା। ଉକ୍ତ ମାମଲକୁ ଉଚ୍ଚ ନ୍ୟାୟାଳୟ ଯାଜପୁର ଜିଲାପାଳଙ୍କ କୋର୍ଟକୁ ହସ୍ତାନ୍ତର କରିଛନ୍ତି। ଉକ୍ତ ନିର୍ଦ୍ଦେଶ ମୁତାବକ ଜିଲାପାଳଙ୍କ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ଜିଲା କାର୍ଯ୍ୟାଳୟ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଜିଲା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନେତୃତ୍ୱରେ ରସୁଲପୁର ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟନାରାୟଣ ସାହୁ, କନିଷ୍ଠ ଯନ୍ତ୍ରୀ ଅନିଲ ବିଶ୍ୱାଳ, ପଞ୍ଚାୟତ ନିର୍ବାହୀ ଅଧିକାରୀ ନିରଞ୍ଜନ ବଳ ପ୍ରମୁଖ ପହଞ୍ଚି ତଦନ୍ତ କରିଛନ୍ତି। ତେବେ ତଦନ୍ତ କେଉଁ ମୋଡ଼ ନେଉଛି ତାହାକୁ ଅପେକ୍ଷା ରହିଛି।

ସୂଚନା ମୁତାବକ, ମଶାଣି ଜମିକୁ କୌଣସି ଉଦ୍ଦେଶ୍ୟରେ ବ୍ୟବହାର କରାଯାଇ ପାରିବ ନାହିଁ। ଯଦି ଜନସାଧାରଣଙ୍କ ହିତ ଦୃଷ୍ଟିରୁ ମଶାଣି ଜମିକୁ ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରାଯାଏ, ତେବେ ଏନେଇ ତହସିଲଦାରଙ୍କଠାରୁ ଅନୁମତି ହାସଲ ଆବଶ୍ୟକ। ଉକ୍ତ ରାଜସ୍ୱ ଗ୍ରାମରେ ସମାନ ପରିମାଣର ଜମିକୁ ଅନ୍ୟ ସ୍ଥାନରେ ମଶାଣିକୁ ହସ୍ତାନ୍ତର କରାଯିବା ପରେ ସଂପୃକ୍ତ ଜମି ଉପରେ ସରକାରୀ ଅର୍ଥ ବ୍ୟୟ କରାଯାଇ ପାରିବ। ମାତ୍ର ଏଠାରେ ସେଭଳି କିଛି ଆଇନକୁ ଅନୁସରଣ କରାଯାଇନାହିଁ। ଏସମ୍ପର୍କରେ ଅବଗତ ହୋଇ ସମିତିସଭ୍ୟ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ଜିଲାପାଳଙ୍କ କୋର୍ଟ ଏନେଇ କ'ଣ ନିଷ୍ପତ୍ତି ନେଉଛନ୍ତି ତାହାକୁ ଆବେଦନକାରୀ ଅପେକ୍ଷା କରିଛନ୍ତି। ଘଟଣା ସମ୍ପର୍କରେ ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟନାରାୟଣ ସାହୁ କହିଛନ୍ତି, ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ତଦନ୍ତ କରିବାକୁ ଆସିଥିଲେ। ସେମାନେ ତଦନ୍ତ ଅଧିକାରୀଙ୍କୁ କେବଳ ସହାୟତା ପ୍ରଦାନ କରିଥିଲେ। ତଦନ୍ତରେ କ'ଣ ହୋଇଛି ସେ ସମ୍ପର୍କରେ ସାହୁ ଅବଗତ ନାହାନ୍ତି ବୋଲି ମତ ରଖିଛନ୍ତି। ସରପଞ୍ଚ ମହାନ୍ତିଙ୍କୁ ପଚାରିବାରୁ ତଦନ୍ତ ଦିନ ସେ ଘରେ ନ ଥିଲେ। ତେଣୁ ଏ ସମ୍ପର୍କରେ କିଛି କହିପାରିବେ ନାହିଁ ପ୍ରକାଶ କରିଛନ୍ତି।

## ମା' ବିରଜାଙ୍କ ରଥ ଯାତ୍ରା ଆରମ୍ଭ

**ଯାଜପୁର ଟାଉନ,୬।୧୦(ଡି.ଏନ.ଏ.)**



ଚଳିତ ବର୍ଷ କରୋନା କଟକଣା ପାଇଁ ବିନା ଭକ୍ତରେ ମା'ବିରଜାଙ୍କ ରଥଯାତ୍ରା ଆରମ୍ଭ କରାଯାଇଛି। ପ୍ରତ୍ୟେକ ବର୍ଷ ୯ ଦିନ ଧରି ମା'ଙ୍କ ରଥ ବେଢ଼ା ପରିକ୍ରମା କରୁଥିବା ବେଳେ ଚଳିତ ବର୍ଷ ୮ ଦିନ ବ୍ୟାପୀ ରଥ ବେଢ଼ା ପରିକ୍ରମା କରିବ। ବୁଧବାର ରଥ ପ୍ରତିଷ୍ଠା କରାଯାଇ ମା'ଙ୍କ ଚଳନ୍ତି ପ୍ରତିମାକୁ ରଥାରୂଢ଼ କରାଯାଇଥିଲା। ପରେ ରଥ ପୂଜା ନୀତି ଆରମ୍ଭ କରାଯାଇଥିଲା। ପ୍ରଥମ ଦିନରେ ମା'ଙ୍କ ରଥକୁ ସେବାୟତଙ୍କ ଦ୍ୱାରା ଅଳ୍ପବାଟ ଯାଏଁ ଟଣାଯାଇଥିଲା। ଗୁରୁବାରଠାରୁ ଅପରାହ୍ନ ସମୟରେ ମା'ଙ୍କ ରଥ ବେଢ଼ା ପରିକ୍ରମା କରିବ। ପ୍ରାତଃ ସମୟରୁ ମା'ଙ୍କୁ ବୈତରଣୀ ଜଳରେ ସ୍ନାନ କରାଯାଇ ଷୋଡ଼ଶୋପଚାର ପୂଜା ଆରମ୍ଭ କରାଯାଇଥିଲା। ଚଳିତ ବର୍ଷ କରୋନା କଟକଣା ଯୋଗୁ ମନ୍ଦିର ଚର୍ତୁପାର୍ଶ୍ୱରେ ୧୪୪ ଧାରା ଜାରି କରାଯାଇ ସାଧାରଣ ଭକ୍ତଙ୍କ ରଥ ଦର୍ଶନ ନିଷେଧ କରାଯାଇଛି।

## ନାଭିଗୟାରେ ପିଣ୍ଡଦାନ କଲେ ଭକ୍ତ

**ଯାଜପୁର ଟାଉନ,୬।୧୦(ଡି.ଏନ.ଏ.)**

ପିତୃପକ୍ଷ ଅମାବାସ୍ୟା ମହାଳୟା ତିଥିରେ ବୁଧବାର ଯାଜପୁର ଅଧିଷ୍ଠାତ୍ରୀ ଦେବୀ ମା'ବିରଜାଙ୍କ ମନ୍ଦିରରେ ଥିବା ନାଭିଗୟା କ୍ଷେତ୍ରରେ ଭକ୍ତମାନେ ପିଣ୍ଡଦାନ କରିଛନ୍ତି। ଏଥିନିମନ୍ତେ ଭିଡ଼ ପରିଲକ୍ଷିତ ହୋଇଥିଲା। ପିତୃପକ୍ଷ ଆଶ୍ୱିନ ମାସର କୃଷ୍ଣପକ୍ଷ ପ୍ରତିପଦାଠାରୁ ଆରମ୍ଭହୋଇ ଆଶ୍ୱିନ ମାସ ଅମାବାସ୍ୟା ପର୍ଯ୍ୟନ୍ତ ଚାଲିଥାଏ। ଏହି ୧୫ ଦିନ ରାଜ୍ୟ ତଥା ରାଜ୍ୟ ବାହାରୁ ଭକ୍ତମାନେ ଆସି ପିଣ୍ଡଦାନ କରିବା ସହ ମା' ବିରଜାଙ୍କ ଦର୍ଶନଲାଭ କରିଥାନ୍ତି। ଭକ୍ତ ପିଣ୍ଡଦାନ ସାରି ମା'ଙ୍କ ଦର୍ଶନ କରିଥିଲେ। ଭିଡ଼କୁ ଲକ୍ଷ୍ୟ ରଖି ମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ବନ୍ଦୋବସ୍ତ କରାଯାଇଥିଲା।

**EXPRESSION OF INTEREST**

LIC Colony, Maitrivihar, Bhubaneswar invites EOI from interested firms for installation of CCTV surveillance system in the colony. Last date for receiving of bids is 17.10.2021 upto 5.00 PM. For details contact-9078782844.

Secretary

# ସୁକୁରୁଙ୍ଗି ଖଣିରେ ଆନ୍ଦୋଳନ ପ୍ରତ୍ୟାହୃତ

**କାଳିଆପାଣି,୬।୧୦(ଡି.ଏନ.ଏ.)**

ଓଡ଼ିଶା ଖଣି ନିଗମ ପରିଚାଳିତ ସୁକୁରୁଙ୍ଗି କ୍ରୋମାଇଟ୍ ଖଣିରେ ୬ଦିନ ଧରି ଚାଲିଥିବା ଠିକା ସଂସ୍ଥା କର୍ମଚାରୀଙ୍କ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ସମ୍ପୃକ୍ତ ଖଣିରେ କାର୍ଯ୍ୟ କରୁଥିବା ଓଏସଏଲ୍ କମ୍ପାନୀର ମନମୁଖୀ କାର୍ଯ୍ୟ ଓ ବିନା ନୋଟିସରେ କାର୍ଯ୍ୟ ବନ୍ଦକୁ ବିରୋଧ କରି ଶତାଧିକ ଶ୍ରମିକ ଓ କର୍ମଚାରୀ ଖଣି କାର୍ଯ୍ୟାଳୟ ସମ୍ମୁଖରେ ୧ ତାରିଖଠାରୁ ଧାରଣାରେ ବସିବା ସହ ପରିବହନକୁ ଠପ କରିଥିଲେ। ଫଳରେ ଖଣି ନିଗମ ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଥିବା ବେଳେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା।

ଏହାକୁ ନେଇ ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର ମଙ୍ଗଳବାର ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟର ଉଚ୍ଚ ପଦାଧିକାରୀଙ୍କ ସହ ଆଲୋଚନା କରି ଶ୍ରମିକଙ୍କୁ ନ୍ୟାୟ ଦେଇ ଅଚଳାବସ୍ଥା ଦୂର କରିବାକୁ ଅନୁରୋଧ କରିଥିଲେ। ଖଣି ନିଗମର ପରିଚାଳନା ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ ଖଣି ନିଗମ ଆଞ୍ଚଳିକ ପରିଚାଳକ ପ୍ରଶନ୍ନ କୁମାର ସ୍ୱାଇଁ, ପ୍ରଶାସନିକ ଅଧିକାରୀ ସୁମିତ ପାଢ଼ୀ ବୁଧବାର ସୁକୁରୁଙ୍ଗି ଖଣିରେ ପହଞ୍ଚି ଶ୍ରମିକ ସଂଘ ସହ ଆଲୋଚନା କରି ୧୦ ଦିନ ମଧ୍ୟରେ ଖଣି ଖୋଲିବାକୁ ପ୍ରତିଶ୍ରୁତି ଦେଇଥିଲେ। ତେବେ ଖଣି ଖୋଲିବା ପୂର୍ବରୁ ଓଏସ୍ଏଲ୍ କମ୍ପାନୀ କର୍ମକର୍ତ୍ତା ଓ ଏସ୍ଆର୍ସିକେଏମ୍ଏସ୍ ସଂଘ ମଧ୍ୟରେ ଶ୍ରମିକଙ୍କ ବିଭିନ୍ନ ଦାବି ପୂରଣ ପାଇଁ ଚୁକ୍ତି ସ୍ୱାକ୍ଷରିତ ହେବାକୁ ସ୍ୱାଇଁ ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି। ଆଲୋଚନାରେ ସୁକୁରୁଙ୍ଗି ଖଣି ଡିଜିଏମ ଇଂ. ମାୟାଧର ପାତ୍ର, ସହପରିଚାଳକ ଇଂ. ହରିଶ ଚନ୍ଦ୍ର ନାୟକ, ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର, ଉପସଭାପତି ପ୍ରଭାତ ପ୍ରଧାନ, ସହସମ୍ପାଦକ ଭରତ ମହାନ୍ତ, ବିକାଶ ବଳ ଓ ବିଷ୍ଣୁପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ୨୨୦୨ ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି

**ଯାଜପୁର ଅଫିସ,୬।୧୦:** ଯାଜପୁର ଜିଲାର ୨୨୦୨ ଜଣ ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି ହୋଇଛି। ଏଥିରେ ଲେଭଲ ବି'ରୁ ଲେଭଲ ଡି' ପ୍ରଧାନ ଶିକ୍ଷକ ପ୍ରାଥମିକ ସ୍କୁଲ ୬୬୪ ଜଣ, ଲେଭଲ ବି'ରୁ ଲେଭଲ ଡି' ଗ୍ରାଜୁଏଟ ଶିକ୍ଷକ ୪୨୨ ଜଣ ଏବଂ ଲେଭଲ ଏ'ରୁ ଲେଭଲ ବି'କୁ ୧୧୧୬ ଜଣ ଶିକ୍ଷକ ରହିଛନ୍ତି। ଯାଜପୁର ଜିଲା ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ସଭାପତି ବିଜୟ କୁମାର ନାୟକ ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରି ଏବଂ ସହ ଶିକ୍ଷାଧିକାରୀଙ୍କୁ ଏଥିପାଇଁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଯୁବ ବିଜେଡି ପକ୍ଷରୁ ସ୍ୱାସ୍ଥ୍ୟସେବା ଶିବିର


ସ୍ୱାସ୍ଥ୍ୟ ପରୀକ୍ଷା ଶିବିରକୁ ବ୍ଲକ ଅଧକ୍ଷ ଉଦ୍‌ଘାଟନ କରୁଛନ୍ତି।

**ଧର୍ମଶାଳା,୬।୧୦(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ବଡ଼କଏମା ପଞ୍ଚାୟତସ୍ଥିତ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ବ୍ଲକ ଯୁବ ବିଜେଡି ପକ୍ଷରୁ ଏକ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଉଦ୍‌ଘାଟନ କରିଥିଲେ। କଟକର ଡାକ୍ତର ଓ ଫାର୍ମାସିଷ୍ଟମାନେ ଯୋଗଦେଇ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକେ ଆସି ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଅକ୍ଟୋବର ୨ରୁ ରାଜ୍ୟବ୍ୟାପୀ ଜନହିତକର କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଧର୍ମଶାଳା ବ୍ଲକର ବିଭିନ୍ନ ପଞ୍ଚାୟତରେ ଏଭଳି ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜନ କରାଯାଉଛି। ଗୁରୁତର ରୋଗୀଙ୍କୁ ଯାଜପୁର ଓ କଟକ ନେଇ ଚିକିତ୍ସା କରିବାର ବ୍ୟବସ୍ଥା କରାଯାଉଛି। ବ୍ଲକ ଯୁବ ବିଜେଡି ସଭାପତି କ୍ଷିତୀଶ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରରେ ମଦମୋହନ ନାୟକ, ଜିଲା ବିଜେଡି ଉପସଭାପତି ସୁବ୍ରତ ଧଳ, ଅରୂପାନନ୍ଦ ପ୍ରସାଦ, ସନ୍ତୋଷ ସେଠୀ, ସରପଞ୍ଚ ଅକ୍ରୁର ନାୟକ, ବଟକୃଷ୍ଣ ରାଉତ ଓ ନୀଳାଦ୍ରି ମୁଦୁଲି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଯୁବତୀଙ୍କୁ ଅସଦାଚରଣ, ଯୁବକ ଗିରଫ

**ଚଣ୍ଡିଖୋଲ,୬।୧୦(ଡି.ଏନ.ଏ.):** ବଡ଼ଚଣା ଥାନା ଅଞ୍ଚଳର ଯୁବତୀଙ୍କୁ ଅସଦାଚରଣ ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ହରିଅଙ୍କ ପାଟଣା ଗ୍ରାମର ଜିତେନ୍ଦ୍ର ବେଗ। ଘଟଣା ପରେ ଜିତେନ୍ଦ୍ର ଫେରାର ଥିଲେ। ମଙ୍ଗଳବାର ସେ ଘରକୁ ଆସିଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ଏନେଇ ମାମଲା ନଂ.୩୫୧/୨୧ ରୁଜୁ ହୋଇଥିବା ଥାନା ଅଧିକାରୀ ପ୍ରିୟବ୍ରତ ରାଉତ ସୂଚନା ଦେଇଛନ୍ତି।

## ଦଳକୁ ଫେରିଲେ ପ୍ରଫୁଲ୍ଲ

**ରସୁଲପୁର,୬।୧୦(ଡି.ଏନ.ଏ.):** ରସୁଲପୁର ବ୍ଲକ ଯୁବ ବିଜେଡି ସଭାପତି ତଥା ବିଜେଡି ସମର୍ଥିତ ଅତଲାପୁର ସରପଞ୍ଚ ପ୍ରଫୁଲ୍ଲ ସାହୁ ପୁଣି ଦଳକୁ ଫେରିଛନ୍ତି। ବୁଧବାର ଯାଜପୁର ଜିଲା ବିଜେଡି ସଭାପତି ପ୍ରତାପ ମହାନ୍ତି ପ୍ରଫୁଲ୍ଲଙ୍କ ବହିଷ୍କାର ଆଦେଶକୁ ପ୍ରତ୍ୟାହାର କରିଛନ୍ତି। ତାଙ୍କୁ ଦଳରୁ ବହିଷ୍କାର କରାଯାଇଥିବାରୁ ସେ ପୁଣିଥରେ ଦଳରେ ପ୍ରାଥମିକ ସଦସ୍ୟତା ଗ୍ରହଣ କରିଛନ୍ତି। ଏବେଠାରୁ ସେ ଦଳରେ ପୂର୍ବଭଳି କାମ କରିବେ। ହେଲେ ତାଙ୍କୁ ସାଂଗଠନିକ ପଦପଦବୀ ମିଳିବ କି ନାହିଁ ସେ ସମ୍ପର୍କରେ କୌଣସି ସୂଚନା ମିଳି ପାରିନାହିଁ। ପ୍ରକାଶଥାଉ କି, ଚଳିତବର୍ଷ ମେ' ୨ରେ ଦଳ ବିରୋଧୀ କାର୍ଯ୍ୟ ପାଇଁ ପ୍ରଫୁଲ୍ଲଙ୍କୁ ଜିଲା ସଭାପତି ବହିଷ୍କାର କରିଥିଲେ। ବରୀ ବିଧାୟିକା ସୁନନ୍ଦା ଦାସ ଓ ପ୍ରଫୁଲ୍ଲଙ୍କ ମଧ୍ୟରେ ମତ ପାର୍ଥକ୍ୟ ହେବାରୁ ତାଙ୍କୁ ବହିଷ୍କାର ହେବାକୁ ପଡ଼ିଥିଲା। ଗତ ୩ ତାରିଖରେ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ବାସଭବନରେ ବିଧାୟିକା ଓ ବହିଷ୍କୃତ ଯୁବନେତାଙ୍କ ବିବାଦ ସମାଧାନ କରାଯାଇଥିଲା। ପରେ ପ୍ରଫୁଲ୍ଲ ଖବରଦାତା ସମ୍ମିଳନୀ ଜରିଆରେ ବିଧାୟିକାଙ୍କ ଉଦ୍ଦେଶ୍ୟରେ କ୍ଷମା ପ୍ରାର୍ଥନା କରିଥିଲେ।

DSPL-176

**ରକ୍ତଦାନ ମହାପୂଣ୍ୟ**

ରକ୍ତଦାନ କରି ଅନ୍ୟର ଜୀବନର ସ୍ପନ୍ଦନକୁ ଜାରି ରଖିବାରେ ଥାଏ ଅପୂର୍ବ ଆନନ୍ଦ, ଏମିତି ଅନେକ ଜୀବନର ସ୍ପନ୍ଦନ ମିଶି ବିଶ୍ୱ ଆଜି ସ୍ପନ୍ଦିତ ହେଉଛି।

ଆପଣ ବି ଜଣେ ସ୍ୱେଚ୍ଛାକୃତ ରକ୍ତଦାତା ହୋଇପାରିବେ ଯଦି ଆପଣଙ୍କର:
- ବୟସ ୧୮ ରୁ ୬୫ ବର୍ଷ ମଧ୍ୟରେ
- ଶରୀରର ଓଜନ ୪୫ କି.ଗ୍ରା.ରୁ ଅଧିକ
- ନାଡିର ଗତି ପ୍ରତି ମିନିଟ୍ ୬୦ରୁ ୧୦୦ ମଧ୍ୟରେ ଅଛି ଓ ନିୟମିତ ଅଛି
- ରକ୍ତଚାପ ସିଷ୍ଟୋଲିକ୍ ୧୦୦ରୁ ୧୪୦ ମି.ମି. ଓ ଡାଇଷ୍ଟୋଲିକ ୬୦ରୁ ୯୦ ମି.ମି. ମଧ୍ୟରେ ଅଛି
- ହିମୋଗ୍ଲୋବିନ୍‌ର ସ୍ତର ଅତି କମରେ ୧୨.୫ ଗ୍ରା.ରୁ ଅଧିକ ଅଛି
- ପାଟିର ତାପମାତ୍ରା ୩୭ ଡିଗ୍ରି ସେଲସିୟସରୁ ଅଧିକ ନାହିଁ

ଥାଲାସେମିଆ ରୋଗୀଙ୍କୁ ରକ୍ତ ସଞ୍ଚାରଣ ପାଇଁ ଆବଶ୍ୟକ ଲିକୋସାଇଟ୍ ଫିଲଟର ସରକାରୀ ରକ୍ତ କେନ୍ଦ୍ରରେ ବିନାମୂଲ୍ୟରେ ଯୋଗାଇ ଦିଆଯାଉଅଛି।

ଆସନ୍ତୁ, ରକ୍ତଦାନ କରି ଆମ ବିଶ୍ୱର ସ୍ପନ୍ଦନକୁ ଜାରି ରଖିବା ଆଉ ରକ୍ତ ଲାଗି ଅକାଳରେ ଝରି ପଡୁଥିବା ଜୀବନକୁ ରକ୍ଷା କରିବା।

- ସର୍ବଦା ମାସ୍କ ବ୍ୟବହାର କରନ୍ତୁ
- ନିୟମିତ ବାରମ୍ବାର ସାବୁନ୍‌ରେ ହାତ ଧୁଅନ୍ତୁ
- ୨ମିଟର ଶାରିରୀକ ଦୂରତା ବଜାୟ ରଖନ୍ତୁ

ଯୋଗ୍ୟ ବ୍ୟକ୍ତି କରୋନା ଟୀକା ନିଶ୍ଚୟ ନିଅନ୍ତୁ।

ଅଧିକ ସୂଚନା ପାଇଁ ଜିଲ୍ଲା/ଉପଖଣ୍ଡ ସ୍ତରୀୟ ରକ୍ତ କେନ୍ଦ୍ର କିମ୍ବା ରାଜ୍ୟ ରକ୍ତ ସଞ୍ଚାରଣ ପରିଷଦ,ଭୁବନେଶ୍ୱର ସହ ପରାମର୍ଶ କରନ୍ତୁ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା

OIPR-10003/13/0075/2122

### ବାର୍ହା ଶିକାର ବେଳେ ୩ ଗିରଫ, ଦେଶୀ ବନ୍ଧୁକ ଜବତ

ପାତ୍ରପୁର,(ଡି.ଏନ.ଏ.): ସାମନ୍ତିଆପଲ୍ଲୀ ରେଞ୍ଜ ତିତିଗାଁ ଗ୍ରାମ ଜଙ୍ଗଲ ମଧ୍ୟରେ ବାର୍ହା ଶିକାର ପାଇଁ ଯାଇଥିବା ୩ଜଣ ଶିକାରୀଙ୍କୁ ବୁଧବାର ବନ ବିଭାଗ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଖଣ୍ଡଦେଉଳି ଗ୍ରାମର ମହେଶ୍ୱର ନାୟକ, ଲଳିତ ଦଳେଇ ଏବଂ ମୋହନା ଥାନା ମାଣିକପୁର ଗ୍ରାମର କୁମୁଦ ଦଳେଇ। ତିତିଗାଁ ନିକଟରେ କିଛି ଶିକାରୀ ବାର୍ହା ଶିକାର ପାଇଁ ଏକତ୍ରିତ ହୋଇଥିବା ଖବର ପାଇ ବନ ବିଭାଗ ଚଢ଼ାଉ କରିଥିଲେ। ଏହି ସମୟରେ ବାର୍ହାକୁ ଶିକାର କରିବାକୁ ଗୋଡ଼ାଉ ଥିବା ବେଳେ ଅଭିଯୁକ୍ତମାନେ ଧରାପଡ଼ିଥିଲେ। ସେମାନଙ୍କଠାରୁ ଏକ ଦେଶୀ ବନ୍ଧୁକ ଜବତ କରାଯାଇଛି।

## ସଂକ୍ଷେପରେ

### ଡେରାସାହିରେ ଅଗ୍ନିକାଣ୍ଡ

ଦିଗପହଣ୍ଡି,୬।୧୦(ଡି.ଏନ.ଏ.): ପଦ୍ମନାଭପୁର ବଡ ଡେରା ସାହିରେ ବୁଧବାର ପୂର୍ବାହ୍ନରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ସାହିର ଜେ.ଚନ୍ଦ୍ର ରାଓଙ୍କ ରୋଷେଇ ଘରର ସମସ୍ତ ଜିନିଷପତ୍ର ପୋଡି ନଷ୍ଟ ହୋଇଯାଇଛି। ଖବର ପାଇ ଦିଗପହଣ୍ଡି ଦମକଳ ବାହୀନି ଘଟଣାସ୍ଥଳକୁ ଯାଇ ନିଆଁକୁ ଆୟତ୍ତ କରିଥିଲେ। କ୍ଷୟକ୍ଷତିର ପରିମାଣ ୧୦ ହଜାରରୁ ଉର୍ଦ୍ଧ୍ୱ ହେବ ବୋଲି ଅଗ୍ନିଶମ ଅଧିକାରୀ ପ୍ରଫୁଲ ବେହେରା କହିଛନ୍ତି। ଗ୍ୟାସ୍ ସିଲିଣ୍ଡରରୁ ଗ୍ୟାସ୍ ନିର୍ଗତ ହୋଇ ଅଗ୍ନି ଘଟଣା ଜଣାପଡିଛି।

### ବ୍ଲକସ୍ତରୀୟ ଶିଶୁ ସୁରକ୍ଷା ସଚେତନତା

ବେଗୁନିଆପଡା,୬।୧୦(ଡି.ଏନ୍.ଏ.): ବେଗୁନିଆପଡ଼ା ବ୍ଲକ ଏସ୍. ଛଚିନା ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ବୁଧବାର ବ୍ଲକସ୍ତରୀୟ ଶିଶୁ ସୁରକ୍ଷା, ଭ୍ରୁଣ ହତ୍ୟା ଓ ବାଲ୍ୟ ବିବାହ ସମ୍ପର୍କୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସଂଯୋଜକ ଦେବେନ୍ଦ୍ର ମହନ୍ତ, କ୍ଷେତ୍ର ଅଧିକାରୀ ଶିଶିର କୁମାର ବିଶ୍ୱାଳ, ସୁପରଭାଇଜର ମୁନା ମହାପାତ୍ର ଯୋଗଦେଇ ସମାଜରେ ଉପୁଜୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ସମସ୍ତଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ଶିଶୁ ଓ ଅଭିଭାବକ ଯୋଗ ଦେଇଥିଲେ।

### ୪ ଜୁଆଡ଼ି ଗିରଫ

ଭଞ୍ଜନଗର,୬।୧୦(ଡି.ଏନ.ଏ): ତାରସିଂ ଥାନା ଅନ୍ତର୍ଗତ ନୂଆ ଖୁରୁଡୁପଲ୍ଲୀ ଜଙ୍ଗଲ ନିକଟରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ପୋଲିସ ବୁଧବାର ଚଢ଼ାଉ କରି ୪ଜଣ ଜୁଆଡ଼ିକୁ ଗିରଫ କରି ଭଞ୍ଜନଗର କୋର୍ଟ ଚାଲାଣ କରିଛି। ତାରସିଂ ଥାନାଧିକାରୀ ପ୍ରଦୀପ୍ତ କୁମାର ଦାସଙ୍କ ନେତୃତ୍ୱରେ ପୋଲିସ ଜୁଆଡିଙ୍କଠାରୁ ନଗଦ ୪୯୫୦ ଟଙ୍କା ଓ ଗୋଟିଏ ବାଇକ୍ ଜବତ କରିଛି। ଏ ନେଇ ନଂ.୨୫୭/୨୧ରେ ମାମଲା ରୁଜୁ କରାଯାଇଛି।

### ଦୁର୍ଘଟଣାରେ ସ୍କୁଟି ଚାଳକ ଗୁରୁତର

ଗଞ୍ଜାମ,୬।୧୦(ଡି.ଏନ.ଏ.): ଗଞ୍ଜାମ ଥାନା ଅଗସ୍ତି ନୂଆଗାଁ ସ୍ଥିତ ଷୋହଳ ନଂ ଜାତୀୟ ରାଜପଥରେ ବୁଧବାର ଏକ କାର ସହ ସ୍କୁଟି ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ସ୍କୁଟି ଚାଳକ ଅଷ୍ଟମ ବାଟାଲିୟନ ସିପାହୀ ବିଶ୍ୱନାଥ ଦଳବେହେରା (୩୦) ଗୁରୁତର ହୋଇଛନ୍ତି। ଗଞ୍ଜାମ ଥାନା ଏସ୍ଆଇ ଅଜିତ କୁମାର ପରିଡାଙ୍କ ସୂଚନାନୁଯାୟୀ ବିଶ୍ୱନାଥ ପୁରୁଣା ରୋଡ଼ରୁ ବାହାରି ଛତ୍ରପୁର ଯିବା ସମୟରେ ବ୍ରହ୍ମପୁର ପଟୁ ଦ୍ରୁତ ଗତିରେ ଆସୁଥିବା ଏକ କାର ସହ ଧକ୍କା ହୋଇଥିଲା। ଫଳରେ ସିପାହୀ ଜଣକ ରାସ୍ତାରେ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଛତ୍ରପୁର, ବ୍ରହ୍ମପୁର ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାଗ୍ରସ୍ତ କାର୍ ଓ ସ୍କୁଟି ଜବତ କରାଯାଇ ନଂ ୧୭୨/୨୧ରେ ମାମଲା ରୁଜୁ କରାଯାଇଛି।

### ବନ ନିଗମ କର୍ମଚାରୀ ସଂଘ କର୍ମକର୍ତ୍ତା ନିର୍ବାଚନ

ଭଞ୍ଜନଗର,୬।୧୦(ଡି.ଏନ୍.ଏ.): ଭଞ୍ଜନଗର ବନ ଉନ୍ନୟନ ନିଗମର କର୍ମକର୍ତ୍ତା ନିର୍ବାଚନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିଲାଗି ନିଗମ ମହାସଂଘ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ ସଭାକୁ ରାଜ୍ୟ ସଭାପତି ଅକ୍ଷୟ ବିଶାଳ ସଂଯୋଜନା କରିଥିଲେ। ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ଦିଲୀପ କୁମାର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଭୁବନେଶ୍ୱର ଶାଖା ସମ୍ପାଦକ ଫଣୀନ୍ଦ୍ର ମହାପାତ୍ର ନିର୍ବାଚନ ପରିଚାଳନା କରିଥିଲେ। ଅକ୍ଷୟ ବିଶାଳ ସଭାପତି ଏବଂ ସଂଗ୍ରାମ କେଶରୀ ପଟ୍ଟନାୟକ ସମ୍ପାଦକ ନିର୍ବାଚିତ ହୋଇଛନ୍ତି। ସେହିପରି ନିତ୍ୟାନନ୍ଦ ସେଠୀ ସହ ସମ୍ପାଦକ, ଦେବରାଜ ସ୍ୱାଇଁ ଉପସଭାପତି, ଉମା ଶଙ୍କର ପାଣିଗ୍ରାହୀ ସଂଗଠନ ସମ୍ପାଦକ, ପ୍ରଶାନ୍ତ କୁମାର ରାଉତ କୋଷାଧକ୍ଷ ଓ ସୀମାଞ୍ଚଳ ବିଶୋଇ ମୁଖ୍ୟ ପରାମର୍ଶଦାତା ଭାବେ ମନୋନୀତ ହୋଇଛନ୍ତି।

# ପୂର୍ବ ଜିଲା ବୋର୍ଡ ଏବେ ଜିଲା ପରିଷଦ

ନରସିଂହ ସାହୁ
ବ୍ରହ୍ମପୁର ଅଫିସ,୬।୧୦

- ସ୍ୱତନ୍ତ୍ର ଓଡ଼ିଶା ପରେ ହୋଇଥିଲା ବୋର୍ଡ
- ସ୍ୱାଧୀନତା ପରେ ଭାଙ୍ଗିଯାଇଥିଲା
- ୧୯୯୭ରୁ ଆରମ୍ଭ ଜିଲା ପରିଷଦ

ଅତୀତର ଗଞ୍ଜାମ ଜିଲା ବୋର୍ଡ ଭାଙ୍ଗିବାର ସାଢ଼େ ୪ ଦଶନ୍ଧି ପରେ ହୋଇଛି ଗଞ୍ଜାମ ଜିଲା ପରିଷଦ। ପୁରୁଣା ତଥ୍ୟାନୁସାରେ ଗଞ୍ଜାମ ଜିଲା ମାଡ୍ରାସ ପ୍ରେସିଡେନ୍ସି ଅଧୀନରେ ଥିବାବେଳେ ଏବଂ ୧୯୩୬ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେବାରୁ ଗଞ୍ଜାମ ଜିଲା ବୋର୍ଡ କରାଯାଇଥିଲା। ଜିଲାର ସମସ୍ତ ବିକାଶ କାର୍ଯ୍ୟ ଓ ଶାସନ ଦାୟିତ୍ୱ ସହ ବୋର୍ଡକୁ ଅଖଣ୍ଡ କ୍ଷମତା ଦିଆଯାଇଥିଲା। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଦିବାକର ପଟ୍ଟନାୟକ, ଦୀନବନ୍ଧୁ ବେହେରା ଓ ଖଲ୍ଲିକୋଟର ସ୍ୱର୍ଗତ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ ପ୍ରମୁଖ ବୋର୍ଡ ସଭାପତି ହୋଇଥିଲେ। ପ୍ରାକ୍ତନ ଏମ୍‌ପି ସ୍ୱର୍ଗତ ଉମା ଚରଣ ପଟ୍ଟନାୟକ, ବିଶିଷ୍ଟ ସମାଜସେବୀ ଗୋବିନ୍ଦ ଚନ୍ଦ୍ର ଦ୍ୟାନସାମନ୍ତରାଙ୍କ ସମେତ ଜଣାଶୁଣା ବ୍ୟକ୍ତିମାନେ ଏହାର ସଦସ୍ୟ ଥିଲେ।

ସ୍ୱାଧୀନତା ପରବର୍ତ୍ତୀ ହୋଇଥିବା ପ୍ରଥମ ନିର୍ବାଚନ ଏବଂ ରାଜ୍ୟରେ ନିର୍ବାଚିତ ସରକାର ଗଠନ ହେବାରୁ ୧୯୫୧-୫୨ରେ ଜିଲା ବୋର୍ଡ ଭାଙ୍ଗି ଯାଇଥିଲା। ୧୯୯୦ରେ ଜନତା ଦଳ ସରକାରରେ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେବାରୁ ସେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଗୁରୁତ୍ୱ ଦେଇଥିଲେ। କେବଳ ସେତିକି ନୁହେଁ ଉକ୍ତ ବ୍ୟବସ୍ଥାରେ ମହିଳାଙ୍କୁ ସାମିଲ ପାଇଁ ୩୩% ସ୍ଥାନ ସଂରକ୍ଷଣର ଆଇନ ପ୍ରଚଳନ କଲେ। ପ୍ରତିବର୍ଷ ମାର୍ଚ୍ଚ ୫କୁ ପଞ୍ଚାୟତିରାଜ ଦିବସ ପାଳନର ଅୟମାରମ୍ଭ କରିଥିଲେ। ୧୯୯୭ରେ ପ୍ରଥମେ ଗଞ୍ଜାମରେ ଜିଲା ପରିଷଦ ନିର୍ବାଚନ ହୋଇଥିଲା। ଏହାର ଅଧ୍ୟକ୍ଷ ପଦ ମହିଳାଙ୍କ ପାଇଁ ସଂରକ୍ଷିତ ଥିଲା।

ଜିଲା ପରିଷଦ ନିର୍ବାଚନରେ କଂଗ୍ରେସ ସଂଖ୍ୟାଗରିଷ୍ଠ ଥାଇ ମଧ୍ୟ ଗୋଷ୍ଠୀ କନ୍ଦଳ ଯୋଗୁ ଅଧ୍ୟକ୍ଷା ପଦ ହାତଛଡ଼ା ହୋଇଥିଲା। ଜନତା ଦଳ, ଭାଜପା, ସିପିଆଇ ଓ ଜଣେ ସ୍ୱାଧୀନ ସଭ୍ୟ ଏକାଠି ହୋଇଥିଲେ। ତେଣୁ ୪୫ ବର୍ଷ ପରେ ହୋଇଥିବା ଜିଲା ପରିଷଦର ପ୍ରଥମ ମହିଳା ଅଧ୍ୟକ୍ଷା ଜନତା ଦଳରୁ ରେଣୁବାଳା ପ୍ରଧାନ ନିର୍ବାଚିତ ହେଲେ। ଭାଜପାରୁ ସେତେବେଳେ ନିର୍ବାଚିତ ହୋଇଥିବା ଧରାକୋଟ ରାଣୀ ଶାନ୍ତି ଦେବୀ ଉପାଧ୍ୟକ୍ଷା ହୋଇଥିଲେ। ୨୦୦୨ ନିର୍ବାଚନରେ ବିଜେଡିରୁ ରେବତୀ ମୋହନ ନାୟକ, ୨୦୦୭ ନିର୍ବାଚନରେ ବିଜେଡିରୁ ଧରଣୀଧର ବେହେରା ଅଧ୍ୟକ୍ଷ ହୋଇଥିଲେ।

ଘଟଣାକ୍ରମେ ଦୁଇବର୍ଷ ନ ପୂରୁଣୁ ଧରଣୀଧରଙ୍କୁ ଅନାସ୍ଥା ପ୍ରସ୍ତାବରେ ହଟାଇ ଦିଆଯାଇଥିଲା। ଉପନିର୍ବାଚନରେ ବିଜେଡିର କାମରାଜୁ ସେଠୀ ଅଧ୍ୟକ୍ଷ ହୋଇଥିଲେ। ୨୦୧୨ ନିର୍ବାଚନରେ ବିଜେଡିର ସୁରଥ ପ୍ରଧାନ ଅଧ୍ୟକ୍ଷ ହୋଇଥିଲେ। ୨୦୧୭ ଜିଲା ପରିଷଦ ନିର୍ବାଚନରେ ପୁଣି ବିଜେଡି ସଂଖ୍ୟାଗରିଷ୍ଠ ହେବାରୁ ସୁବାସ ଚନ୍ଦ୍ର ବେହେରା ଅଧ୍ୟକ୍ଷ ହୋଇଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ସୁବାସ ଛତ୍ରପୁର ବିଧାୟକ ଭାବେ ନିର୍ବାଚିତ ହେବାରୁ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଲେ। ତେଣୁ ହୋଇଥିବା ଉପନିର୍ବାଚନରେ ବିଜେଡିରୁ ସୋନମ ପଲେଇ ଅଧ୍ୟକ୍ଷା ହୋଇଛନ୍ତି। ଫଳରେ ୪ ଦଶନ୍ଧି ପରେ ପୁଣି ଆରମ୍ଭ ହୋଇଥିବା ଜିଲା ପରିଷଦ ଶାସନ ଜନତା ଦଳ ଓ ବିଜେଡି ଦଖଲରେ ଅଛି। ଜିଲା ପରିଷଦ ନିର୍ବାଚନରେ ଗଞ୍ଜାମରେ କଂଗ୍ରେସ ତଳିତଳାନ୍ତ ହୋଇଛି ଏବଂ ୬୯ ଜୋନରୁ ୨୦୧୭ ପଞ୍ଚାୟତ ନିର୍ବାଚନରେ ମାତ୍ର ଗୋଟିଏ ଜୋନରେ କଂଗ୍ରେସ ପ୍ରାର୍ଥୀ ଜିତିଥିଲେ।

ଅପରପକ୍ଷରେ ଅତୀତର ଜିଲା ବୋର୍ଡରେ ଯେଉଁଭଳି ଅଖଣ୍ଡ କ୍ଷମତା ଥିଲା ବର୍ତ୍ତମାନର ଜିଲା ପରିଷଦରେ କାଣିଚାଏ ମଧ୍ୟ ନାହିଁ। ନିୟମିତ ବୈଠକ ହେଉ ନ ଥିବା ବେଳେ ମୁଖ୍ୟ ପ୍ରଶାସକ ହିଁ ପରିଷଦର ସର୍ବେସର୍ବା ଭାବେ କାର୍ଯ୍ୟ କରୁଛନ୍ତି। ନିର୍ବାଚିତ ଅଧ୍ୟକ୍ଷ କେବଳ ପଦ ପାଇଛନ୍ତି। ୨୦୨୨ରେ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷ ପଦ କେଉଁ ବର୍ଗ ପାଇଁ ସଂରକ୍ଷିତ ହେବ ସେଥିପାଇଁ ମୁଖ୍ୟତଃ ବିଜେଡି ନେତାଙ୍କ ମଧ୍ୟରେ ଅଙ୍କକଷା ଆରମ୍ଭ ହୋଇଛି।

### ଦୁଇ ଭାଇ ଗିରଫ, ଖଣ୍ଡା ଜବତ

ପୂର୍ବ ଶତ୍ରୁତାରୁ ହତ୍ୟା ଉଦ୍ୟମ

ବ୍ରହ୍ମପୁର ଅଫିସ,୬।୧୦

ବ୍ରହ୍ମପୁର ଟାଉନ ଥାନା ପୋଲିସ ଏକ ହତ୍ୟା ଉଦ୍ୟମ ଘଟଣାର ୨ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଖାଲାସୀ ସାହିର ଦୁଇ ଭାଇ ଜଗୁ ଓରଫ ଜଗଦୀଶ ଓ ତାଙ୍କ ସାନ ଭାଇ ବି.ହେମନ୍ତ। ପୋଲିସ ହେମନ୍ତଙ୍କ ନିକଟରୁ ଘଟଣା ବେଳେ ବ୍ୟବହୃତ ଖଣ୍ଡା ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଜଣେ ନାବାଳକଙ୍କୁ ମଧ୍ୟ ପୋଲିସ ଧରିଛି। ମାମଲା ନମ୍ବର ୨୦୩/୨୧ ରେ ପୋଲିସ ଅଭିଯୁକ୍ତ ଦୁଇଭାଇଙ୍କୁ କୋର୍ଟ ଚାଲାଣ କରିଛି। ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡ ନିକଟରେ ପୋଲିସ ହାଜର କରିଥିବା କହିଛି। ମଙ୍ଗଳବାର ରାତି ପ୍ରାୟ ସାଢ଼େ ୯ଟା ବେଳେ ମିଲିଟାରୀ ଲାଇନ ନିକଟ କଣ୍ଟେନମେଣ୍ଟ ରୋଡରେ ଜଗଦୀଶଙ୍କ ସହ କିଛି ଯୁବକଙ୍କ ପୂର୍ବ ଶତ୍ରୁତାକୁ ନେଇ ଝଗଡା ହୋଇଥିଲା। ଭାଇକୁ କିଛି ଯୁବକ ଆକ୍ରମଣ କରୁଥିବା ଖବର ପାଇ ହେମନ୍ତ ଏକ ଖଣ୍ଡା ଧରି ସେଠାରେ ପହଞ୍ଚି ଥିଲେ। ସେଠାରେ ଭାଇ ସହ ଝଗଡା କରୁଥିବା ୩ଜଣ ଯୁବକଙ୍କୁ ସେ ଖଣ୍ଡାରେ ଆକ୍ରମଣ କରିଥିଲେ। ଏଥିରେ ଏଲ.ଶ୍ରୀକାନ୍ତ, ସୟଦ ମହମ୍ମଦ ଅଲି ଓ ଇରସାଦ ଖାନ ଆହତ ହୋଇଥିଲେ।

## ପେଟ୍ରୋଲ ପମ୍ପରେ ଡକାୟତି ଯୋଜନା




### ୫ ଗିରଫ, ଖଣ୍ଡା ଓ ବୋମା ଜବତ

ଗିରଫ ଅଭିଯୁକ୍ତ।

ବ୍ରହ୍ମପୁର ଅଫିସ,୬।୧୦

ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଗୁରୁଣ୍ଟି ରୋଡ୍ ପାଣିମହାପ୍ରଭୁ ନିକଟରେ ଥିବା ଏକ ପରିତ୍ୟକ୍ତ ସ୍ଥାନରେ ଡକାୟତି ଯୋଜନା ଚାଲିଥିବା ନେଇ ମଙ୍ଗଳବାର ବିଳମ୍ବିତ ରାତିରେ ପୋଲିସକୁ ଖବର ମିଳିଥିଲା। ବୁଧବାର ଭୋର ୪ଟା ବେଳେ ପୋଲିସ ସେଠାରେ ଚଢ଼ାଉ କରିଛି। ଘଟଣାସ୍ଥଳରୁ ମାଷ୍ଟରମାଇଣ୍ଡ ସମେତ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ସଦର ଥାନା ଅନ୍ତର୍ଗତ ଲୋଚପଡା ରାମକୃଷ୍ଣ ନଗରର କେ.ମୋହନା ରାଓ, ତାରିଣୀ ଦାସ, ଝାଡ଼ାଙ୍କୁଳିର ଦୃବ ସାହୁ, ଲାଠିଗୌଡ଼ ସାହିର କୁନା ଗୌଡ଼ ଓ ଦିଗପହଣ୍ଡି ଥାନା ଅନ୍ତର୍ଗତ ବନ୍ଧପଲିର ଅଜିତ ସ୍ୱାଇଁ ବୋଲି ଏଏସ୍‌ପି ପ୍ରଭାତ ରାଉତରାୟ ସୂଚନା ଦେଇଛନ୍ତି। ଘଟଣାସ୍ଥଳରୁ ୨ ଖଣ୍ଡା, ଲୁହାରଡ଼, ୪ ଅଫୁଟା ବୋମା ଜବତ କରାଯାଇଛି। ମାମଲା ନମ୍ବର ୩୨୪/୨୧ରେ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି।

## ଶୁଣିଲାନି ପ୍ରଶାସନ , ଆମେ କଲୁ ଆମ ରାସ୍ତା

ଦଶପଲ୍ଲା,୬।୧୦(ଡି.ଏନ.ଏ.)

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ୍ ନୂଆଗାଁ ପଞ୍ଚାୟତ ଅଫିସ୍ ଠାରୁ ଦଦରା ମାତ୍ର ୭ କିଲୋମିଟର। ବିଶେଷ କରି ଗୁଣ୍ଡୁରିବାରୀ ଯିବା ମୁଖ୍ୟରାସ୍ତାରୁ ଦଦରା ଏବଂ କାଣି ପୋଖରୀ ମାତ୍ର ୨କିଲୋମିଟର । ଦୀର୍ଘ ଦିନ ଧରି ରାସ୍ତାରୁ ମାଟି ଧୋଇଯାଇ ଖାଲଖମା ସୃଷ୍ଟି ହୋଇଥିଲେ ମଧ୍ୟ ସେଥିପ୍ରତି କେହି ଧ୍ୟାନ ଦେଉ ନ ଥିଲେ। ପଞ୍ଚାୟତ ଅଫିସରେ ଗ୍ରାମବାସୀ ଏ ସଂକ୍ରାନ୍ତରେ ବାରମ୍ବାର ଜଣାଇଥିଲେ। ତଥାପି କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ମା ବନଦୂର୍ଗା ଯୁବ ପରିଷଦର ସଭ୍ୟମାନେ ନିଜ ପକେଟ୍‌ରୁ କିଛି ଅର୍ଥ ଆଦାୟ କରି ୩୬ ଟ୍ରିପ କରକଟା ମାଟି ପକାଇ ଥିଲେ ।

ଏହାପରେ ନିଜେ ଶ୍ରମଦାନ କରି ରାସ୍ତା ନର୍ମାଣ କରିଛନ୍ତି। ଯୁବ ପରିଷଦର ସଭାପତି ବାବୁଲା ମାଝି, ସମ୍ପାଦକ ବାପିନା ନାୟକ, ଡମ୍ବରୁ ସାହୁ ପ୍ରମୁଖ ଯୁବକମାନଙ୍କ ଏଭଳି ମହତ କାମକୁ ସାଧାରଣରେ ପ୍ରଶଂସା କରାଯାଇଛି।



ଗ୍ରାମବାସୀ ରାସ୍ତା ନିର୍ମାଣ କରୁଛନ୍ତି।

### ଦୁଇ ଶିଶୁ ସମେତ ୬ ଡେଙ୍ଗୁ ରୋଗୀ ଚିହ୍ନଟ

ବ୍ରହ୍ମପୁର ଅଫିସ,୬।୧୦

ଗଞ୍ଜାମ ଜିଲାରେ ଡେଙ୍ଗୁ ଏବେ ଦିନକୁ ଦିନ ବଢ଼ିବାରେ ଲାଗିଛି। ପୁଣିଥରେ ଦୁଇ ଶିଶୁ ସମେତ ୬ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳରେ ୪ଜଣ ରହିଛନ୍ତି। ଅନ୍ୟ ଦୁଇ ଜଣ ଚିକିଟି ବ୍ଲକ ଅଞ୍ଚଳର। ଜିଲାରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବର୍ତ୍ତମାନ ୧୩୧ ହୋଇଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ଡା.ଉମାଶଙ୍କର ମିଶ୍ର ସୂଚନା ଦେଇଛନ୍ତି। ବୁଧବାର ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ହାତୀବନ୍ଧସାହିର ୮ ବର୍ଷର ଶିଶୁ ଜ୍ୱରରେ ପୀଡିତ ଥିବା ବେଳେ ତାଙ୍କ ଡେଙ୍ଗୁ ରିପୋର୍ଟ ପଜିଟିଭ ଆସିଛି। ସେହିପରି ଖାସ୍ବା ସାହିର ୧୩ବର୍ଷର ନାବାଳକ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ବେଳେ ଦଲୁଆସାହିର ୧୬ବର୍ଷର ଜଣେ ନାବାଳକ ଓ ଗେଟ୍‌ବଜାର ଅଞ୍ଚଳର ଜଣେ ୨୮ବର୍ଷର ଯୁବକଙ୍କ ଡେଙ୍ଗୁ ରିପୋର୍ଟ ପଜିଟିଭ ଆସିଛି। ସେହିପରି ଚିକିଟି ବ୍ଲକ ଅନ୍ତର୍ଗତ କେ.ସୁବାଣୀ ଗ୍ରାମର ୯ ବର୍ଷର ଶିଶୁ ଓ ଅନ୍ୟଜଣେ ୧୮ବର୍ଷର ସାବାଳକଙ୍କ ଡେଙ୍ଗୁ ରିପୋର୍ଟ ପଜିଟିଭ ଆସିଛି। ଆକ୍ରାନ୍ତ ରୋଗୀମାନେ ଏବେ ଏମ୍‌କେସିଜି ମେଡିକାଲରେ ଚିକିତ୍ସାଧୀନ ରହିଛନ୍ତି। ଜିଲାରେ ଏଯାବତ ୧୬ ଶିଶୁ ଡେଙ୍ଗୁରେ ଆକ୍ରାନ୍ତ ହୋଇସାରିଛନ୍ତି। ବ୍ରହ୍ମପୁର ମହାନଗର ନିଗମରେ ଅଦ୍ୟାବଧି ୯ ଶିଶୁ ସମେତ ୪୦ ଜଣ ଡେଙ୍ଗୁରେ ଆକ୍ରାନ୍ତ ହୋଇଛନ୍ତି।

## ମା’ କାଳୁଆ ବାର୍ଷିକ ଯାତ୍ରା ଆରମ୍ଭ



ଶ୍ରଦ୍ଧାଳୁଙ୍କ ଗହଣରେ ଅସ୍ଥାୟୀ ମଣ୍ଡପ ଅଭିମୁଖେ ମା’।

### ୧୪୪ କଟକଣା ମାନିଲେନି ଶ୍ରଦ୍ଧାଳୁ

ବ୍ରହ୍ମପୁର ଅଫିସ,୬।୧୦

ବ୍ରହ୍ମପୁର ସହରର ଗୋଷାଣୀନୂଆଗାଁର ଅଧିଷ୍ଠାତ୍ରୀ ଦେବୀ ମା’ କାଳୁଆଙ୍କ ବାର୍ଷିକ ଯାତ୍ରା ବୁଧବାର ଆରମ୍ଭ ହୋଇଛି। ଏହା ୧୫ ଦିନ ଅର୍ଥାତ୍ କୁମାର ପୂର୍ଣ୍ଣିମା ପର୍ଯ୍ୟନ୍ତ ହେବ। ଚଳିତ ବର୍ଷ କୋଭିଡ୍ କଟକଣା ମଧ୍ୟରେ ଯାତ୍ରା କରାଯାଉଛି। ମଙ୍ଗଳବାର ବିଳମ୍ବିତ ରାତିରେ ମା’ କାଳୁଆ ମୁଖ୍ୟ ମନ୍ଦିରରୁ ବାହାରି ଅସ୍ଥାୟୀ ମଣ୍ଡପରେ ପହଞ୍ଚିଥିଲେ। ପ୍ରଶାସନ ପକ୍ଷରୁ ମୁଖ୍ୟ ମନ୍ଦିରରୁ ଅସ୍ଥାୟୀ ମନ୍ଦିର ଯାଏ ୧୪୪ ଧାରା ଜାରି କରାଯାଇଥିଲା। କିନ୍ତୁ ମା’ଙ୍କ ଆଗମନ ବେଳେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ହୋଇଥିଲା। ଯାହାକି ପ୍ରଶାସନର ୧୪୪ ଧାରାକୁ ମାନି ନ ଥିବା ଦେଖିଥିବା ମିଳିଥିଲା। ରାତି ୧୨.୧୫ରେ ମା’ଙ୍କ ଆଗମନ ନିମନ୍ତେ ମୟୂର କିରୀଟ ଦ୍ୱାରା ସଜ୍ଜିତ ଖଟୁଲି ଧରି ପୂଜକମାନେ ସ୍ଥାୟୀ ମଣ୍ଡପ ପାଖକୁ ଯାଇଥିଲେ। ସେଠାରେ ପୂଜାର୍ଚ୍ଚନା ହେବା ପରେ ଆଜ୍ଞାମାଳ ମିଳିଥିଲା। ମା’ ଅସ୍ଥାୟୀ ମଣ୍ଡପକୁ ଆସିବା ସମୟରେ ମା’ ଘରେ, ମାମୁ ଘରେ ଓ ମାଉସୀ ଘରେ ଭୋଗ ଖାଇଥିଲେ। ରାତି ପ୍ରାୟ ୨.୩୦ରେ ମା’ ଅସ୍ଥାୟୀ ମଣ୍ଡପରେ ବିଜେ କରିଥିଲେ।

## ରେଶମ ସହରରେ ନବରାତ୍ର ପୂଜା ଆରମ୍ଭ

ବ୍ରହ୍ମପୁର ଅଫିସ,୬।୧୦

ରେଶମ ସହରରେ ବୁଧବାରଠାରୁ ଆରମ୍ଭ ହୋଇଛି ନବରାତ୍ର ପୂଜା। ଏଥିନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଛି। ମାନସିକଧାରୀ ଭକ୍ତ ଶ୍ରଦ୍ଧାର ସହ ନବରାତ୍ର ଅବସରରେ ଘରେ ଅଥବା ନିକଟସ୍ଥ ମନ୍ଦିରରେ ମା’ ଦୁର୍ଗାଙ୍କୁ ପୂଜା କରି ନବରାତ୍ର ବ୍ରତ ଆରମ୍ଭ କରିଛନ୍ତି। ସହରର ବଡ଼ ଠାକୁରାଣୀ, ସାନ ଠାକୁରାଣୀ, ଦୁର୍ଗା ମନ୍ଦିର, ଗାନ୍ଧୀନଗର ଗାୟତ୍ରୀ ମନ୍ଦିର, ଆମ୍ବପୁଆ, ନୂଆ ବସ୍‌ଷ୍ଟାଣ୍ଡ, ପାଣିଗ୍ରାହୀପେଣ୍ଠ ସାହି, ବିଜିପୁର, ଗୋଷାଣୀନୂଆଗାଁ ଅଞ୍ଚଳରେ ଥିବା ଦକ୍ଷିଣ ଶ୍ୟାମାକାଳୀ ମନ୍ଦିର, ମଙ୍ଗଳା ମନ୍ଦିର ସମେତ ପ୍ରତ୍ୟେକ ଦେବୀ ମନ୍ଦିରଗୁଡ଼ିକରେ ୯ ଦିନ ବ୍ୟାପୀ ବିଶେଷ ପୂଜାର୍ଚ୍ଚନା ଅନୁଷ୍ଠିତ ହେବ। ପ୍ରଥମ ଦିନରେ ଘଟ ସ୍ଥାପନ, ରାତିରେ ମା’ଙ୍କ ପ୍ରତିଷ୍ଠା ତଥା ଆବାହନ ନିମନ୍ତେ ହୋମ ଯଜ୍ଞ ଅନୁଷ୍ଠିତ ହେବ। ମାନସିକଧାରୀମାନେ ମନ୍ଦିର ବାହାରୁ ଦେବୀ ମା’ଙ୍କୁ ଦର୍ଶନ କରି ଦୀପ ଦାନ କରିବେ ବୋଲି କୁହାଯାଇଛି।



ନବରାତ୍ର ପୂଜା ଓ ହୋମ ନିମନ୍ତେ ପ୍ରସ୍ତୁତି ଚାଲିଛି।

### ବିଭିନ୍ନ ଦାବି ନେଇ ଶ୍ରମିକ ସଙ୍ଗଠନର ଧାରଣା

ଫୁଲବାଣୀ ଅଫିସ,୬।୧୦

ବିଭିନ୍ନ ଦାବି ପୂରଣ ନେଇ ଫୁଲବାଣୀ ଏଫସିଆଇର ଶ୍ରମିକ ସଂଗଠନ ପକ୍ଷରୁ ଏଫଆଇ ସମ୍ମୁଖରେ ଧାରଣା ଦିଆଯାଇଛି। ଶ୍ରମିକମାନେ ବିଭିନ୍ନ ବ୍ଲକ ଓ ପଞ୍ଚାୟତକୁ ଏଠାରୁ ଯାଉଥିବା ଚାଉଳ ସବୁ ଲୋଡିଙ୍ଗ, ଅନ ଲୋଡିଙ୍ଗ କରି ଦୁଇ ପଇସା ରୋଜଗାର କରିଥାନ୍ତି। ଏଥିରେ ସେମାନଙ୍କ ପରିବାର ଚଳେ। ଶ୍ରମିକମାନେ ବର୍ତ୍ତମାନ ଜିଲାର ୮ ବ୍ଲକର ଚାଉଳ ଲୋଡିଂ କରୁଥିଲେ। ହେଲେ ଏବେ ଦୁଇଟା ବ୍ଲକକୁ କ. ନୂଆଗାଁ ଗୋଦାମ ଅଧୀନକୁ ନେଇଯିବା ଫଳରେ ସେମାନଙ୍କ ଜୀବିକା ବିପନ୍ନ ହୋଇପଡିଥିବା ସଂଗଠନ ସଭାପତି କେଶବ ଚନ୍ଦ୍ର ଡିଗାଲ ଓ ସମ୍ପାଦକ ଦଶରଥ ସାହୁ କହିଛନ୍ତି। ଏହି ଦୁଇ ବ୍ଲକ ଏଠାରୁ ନ ନେବାକୁ ଦାବି କରି ଗତ ସୋମବାରରୁ ସଙ୍ଗଠନ ପକ୍ଷରୁ ଧାରଣା ଦିଆଯାଇଛି। ପୂର୍ବ ଅବସ୍ଥାକୁ ଫେରାଇ ନ ଆଣିବା ଯାଏ ଏହି ଧାରଣା ଚାଲିବ ବୋଲି ସମ୍ପାଦକ ସୂଚନା ଦେଇଛନ୍ତି। କିଛି ବେସରକାରୀ ଗୋଦାମ ମାଲିକ ଚକ୍ରାନ୍ତ କରି ଉପର ସ୍ତରରେ ଲାଞ୍ଚ ଦେଇ ଦୁଇଟି ବ୍ଲକକୁ କନୂଆଗାଁ ଅଞ୍ଚଳକୁ ନେଇ ଯାଇଥିବା ସଂଘ ଅଭିଯୋଗ କରିଛି। ଏଣୁ ଯୋଗାଣ ବିଭାଗ କର୍ତ୍ତୃପକ୍ଷ ଏହାର ପୁନଃବିଚାର କରିବାକୁ ସଙ୍ଗଠନ ଦାବି କରିଛି।

# ଗଞ୍ଜାମ ଅର୍କିଡ ଫୁଲର ଜାତୀୟ ବଜାରରେ ଚାହିଦା

### କୋଭିଡ୍ କଟକଣାରେ କ୍ଷତି ସହୁଛନ୍ତି ଚାଷୀ

ବ୍ରହ୍ମପୁର ଅଫିସ,୬।୧୦

ଗଞ୍ଜାମ ଜିଲା ଉଦ୍ୟାନ କୃଷି ବିଭାଗ ସହଯୋଗରେ ଜିଲାରେ ଉତ୍ପାଦିତ ହେଉଥିବା ଅର୍କିଡ ଫୁଲର ବର୍ତ୍ତମାନ ଜାତୀୟ ବଜାରରେ ଚାହିଦା ବୃଦ୍ଧି ପାଇଛି। ଏହି ଫୁଲ ଫୁଟିବା ପାଇଁ ବାୟୁମଣ୍ଡଳର ଆର୍ଦ୍ରତା ଉପରେ ନିର୍ଭର କରିଥାଏ। ଜିଲାରେ ନାତିଶୀତୋଷ୍ଣ ବାୟୁମଣ୍ଡଳ ଯୋଗୁ ଅର୍କିଡ ଫୁଲ ଅଧିକ ପରିମାଣରେ ଉତ୍ପାଦନ ହେଉଥିବା ବହୁ ଚାଷୀ ମତ ଦେଇଛନ୍ତି। ଏହି ଫୁଲ ଭୁବନେଶ୍ୱର ସମେତ ବେଙ୍ଗାଲୁରୁ, କର୍ନାଟକ, ମହାରାଷ୍ଟ୍ର, ତାମିଲନାଡୁ ଓ ପଡୋଶୀ ଆନ୍ଧ୍ର ପ୍ରଦେଶକୁ ରପ୍ତାନି ହୋଇଥାଏ।

ତାମିଲନାଡୁରେ ଉତ୍ପାଦିତ ହେଉଥିବା ଅର୍କିଡ୍ ଫୁଲର ଗୁଣବତ୍ତା ଗଞ୍ଜାମରେ ଉତ୍ପାଦିତ ଅର୍କିଡର ଗୁଣବତ୍ତାଠାରୁ ଢେର ଗୁଣ ଅଧିକ ଥିବା ଏକ ପରୀକ୍ଷାରୁ ଜଣାପଡିଛି। ଯାହାଦ୍ୱାରା ବର୍ତ୍ତମାନ ଜାତୀୟସ୍ତରରେ ଚାହିଦା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଜିଲାରେ ବର୍ଷକୁ ପ୍ରାୟ ୧ କୋଟିରୁ ଅଧିକ ବ୍ୟବସାୟ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ଜିଲା ଉଦ୍ୟାନ କୃଷି ବିଭାଗ ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠୀକୁ ମଧ୍ୟ ଏହି ଫୁଲଚାଷରେ ଅନ୍ତର୍ଭୁକ୍ତ ନିମନ୍ତେ ପ୍ରୋତ୍ସାହିତ କରାଯାଉଛି। ସ୍ୱୟଂ ସହାୟକ ଗୋଷ୍ଠୀକୁ ୭୦% ସବ୍‌ସିଡି ପ୍ରଦାନ କରାଯାଉଛି। ଏଭଳି ଭାବେ ଛତ୍ରପୁର ବ୍ଲକ ଭିକାରୀପଲ୍ଲୀ ଗ୍ରାମର ଏକ ସ୍ୱୟଂ ସହାୟକ ଗୋଷ୍ଠୀ ପରୀକ୍ଷାମୂଳକ ଭାବେ ଅର୍କିଡ୍ ଫୁଲ ଚାଷରେ ସଫଳତା ହାସଲ କରିଛି। ବାଳକୁମାରୀ, ସିଂହାସିନୀ ଓ ଭୈରବୀ ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟ ବର୍ତ୍ତମାନ ଏହି ଫୁଲଚାଷ କରୁଛନ୍ତି। ଜିଲା ଉଦ୍ୟାନ ଉପନିର୍ଦ୍ଦେଶକ ଶରତ ଚନ୍ଦ୍ର ବେହେରାଙ୍କ ସୂଚନା ମୁତାବକ, ୨୦୧୨ରେ ପ୍ରଥମକରି ୧ ୟୁନିଟ୍ ଅର୍କିଡ ଚାଷ କରାଯାଇଥିଲା। ୨୦୧୭-୧୮ରେ ଉତ୍ପାଦନ ସାଙ୍ଗକୁ ବ୍ୟବସାୟ ମଧ୍ୟ ଭଲ ହୋଇଥିଲା। ଏହି ଅର୍କିଡ୍ ଚାରା ପୁଣେରୁ ଆମଦାନୀ ହୋଇଥାଏ। ଗୋଟିଏ ଚାରାର ମୂଲ୍ୟ ୫୬ ଟଙ୍କା ରହିଛି। ଗଞ୍ଜାମରେ ବିଶେଷ କରି ହଳଦିଆ, ଧଳା ଓ ଗୋଲାପୀ ରଙ୍ଗର ଅର୍କିଡ ଚାଷ ହୋଇଥାଏ। ଏହି ଫୁଲଚାଷ ରଙ୍ଗେଇଲୁଣ୍ଡା, ହୁମ୍ମା, ସାନଖେମୁଣ୍ଡି, କବିସୂର୍ଯ୍ୟନଗର, ଛତ୍ରପୁର ଓ ପୁରୁଷୋତ୍ତମପୁର ଆଦି ବ୍ଲକରେ ୧୨ରୁ ୧୪ଟି ୟୁନିଟ୍‌ରେ ଚାଷ ହେଉଛି। ହମ୍ମା ବ୍ଲକରେ ଅଧିକ ପରିମାଣରେ ଅର୍କିଡ ଉତ୍ପାଦନ ହେଉଛି। ଯେଉଁଠାରେ ବିଭିନ୍ନ ବିଶେଷଜ୍ଞ ଦ୍ୱାରା ପରୀକ୍ଷା ମଧ୍ୟ କରାଯାଉଛି। ଯାହାକି ସବୁଠାରୁ ଉତ୍କୃଷ୍ଟ ଫୁଲ ବୋଲି କୁହାଯାଉଛି। ଗୋଟିଏ ଅର୍କିଡ ଫୁଲକୁ ଚାଷୀମାନେ ୫ରୁ ୭ ଟଙ୍କା ଦରରେ ବିକ୍ରି କରିଥାନ୍ତି। ବିବାହ, ବ୍ରତ ଭଳି ବିଭିନ୍ନ ଉତ୍ସବରେ ଏହି ଫୁଲର ବହୁଳ ବ୍ୟବହାର ଦେଖିବାକୁ ମିଳିଥାଏ। ଯାହାଦ୍ୱାରା ଫୁଲ ଚାଷୀମାନେ ବେଶ୍ ଲାଭବାନ ହୋଇଥାନ୍ତି।

ଗତ ୨ ବର୍ଷ ଧରି କୋଭିଡ୍ ମହାମାରୀ ଯୋଗୁ ଏହି ଫୁଲ ଚାଷୀମାନେ କ୍ଷତି ସହୁଛନ୍ତି। ସାନଖେମୁଣ୍ଡି ଅଞ୍ଚଳର ଫୁଲଚାଷୀ ସଞ୍ଜୀବ ପୁରୋହିତ କହିଛନ୍ତି, ଏହି ଫୁଲ ଚାଷ ପାଇଁ ପ୍ଲାଷ୍ଟିକ୍ ଜାଲର ଆବଶ୍ୟକତା ପଡିଥାଏ। ୧୦୦୦ ବର୍ଗମିଟର ଜାଗାରେ ପ୍ଲାଷ୍ଟିକ୍ ଜାଲରେ ଆବଦ୍ଧ କରାଯାଇ ଚାଷ କରାଯାଇଥାଏ। ଏଥିପାଇଁ ୧୫ରୁ ୧୭ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ। ଫୁଲ ଗଛଗୁଡ଼ିକ ବଢ଼ିବା ପାଇଁ ନଡିଆ କତା ବ୍ୟବହାର କରାଯାଇଥାଏ। ନଡିଆ କତାରେ ପାଣି ସିଞ୍ଚନ କରାଯାଇ ଚାରା ରଖାଯାଇଥାଏ। ଏହାରି ମାଧ୍ୟମରେ ଗଛ ବାୟୁମଣ୍ଡଳର ଆର୍ଦ୍ରତାକୁ ଗ୍ରହଣ କରି ବୃଦ୍ଧି ପାଇଥାଏ। ଏହି ଫୁଲ ଫୁଟିବାକୁ ୬ ମାସ ସମୟ ଲାଗିଥାଏ। ଏହାପରେ ଏହାକୁ ବଜାରରେ ୧୦ ଟଙ୍କା ଲେଖାରେ ବିକ୍ରି ହୋଇଥାଏ।




ଅର୍କିଡ ଫୁଲ ଚାଷ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୭ ଅକ୍ଟୋବର, ୨୦୨୧



# ଗାଡ଼ି ଚୋର ର୍ୟାକେଟ୍ ସକ୍ରିୟ

**ନୟାଗଡ଼ ଅଫିସ,୬।୧୦**

- ଗ୍ୟାଙ୍ଗ୍‌ରେ ସ୍ଥାନୀୟ ଲୋକଙ୍କୁ ସାମିଲ
- ଚିହ୍ନଟ ପରେ ଚୋରି କରାଯାଉଛି ଗାଡ଼ି
- ସୁରକ୍ଷା ପାଇଁ ଆଗ,ପଛରେ ପାଇଲଟିଂ ବ୍ୟବସ୍ଥା

ନୟାଗଡ଼ ଜିଲାରେ ଗାଡ଼ି ଚୋରି ର୍ୟାକେଟ୍ ସକ୍ରିୟ ହୋଇଛି। ବାହାର ଜିଲାର ଚୋରମାନେ ନୟାଗଡ଼କୁ ଆସି ସେମାନଙ୍କ କାରବାର ସୁରୁଖୁରୁରେ ଚଳାଇଛନ୍ତି । ଚୋରି କରିବାର ସୁବିଧା ହେବା ପାଇଁ ସେମାନଙ୍କ ଗ୍ୟାଙ୍ଗ୍‌ରେ ସ୍ଥାନୀୟ ଲୋକଙ୍କୁ ସାମିଲ କରି ବୋଲେରା, ଟ୍ରକ, କାର ଆଦି ଚୋରି କରୁଛନ୍ତି। ତେବେ ଗାଡ଼ି ଚୋରି ପାଇଁ କେତେଜଣ ବ୍ୟକ୍ତି ଜିଲା ସଦର ମହକୁମାରେ ଘୁରି ବୁଲୁଛନ୍ତି । ଗାଡ଼ିଟି କେଉଁଠି ରହୁଛି, ଚୋରି କରିବା ପାଇଁ କେଉଁ ସମୟ ଉପଯୁକ୍ତ, ଘରେ କେଉଁମାନେ ରହୁଛନ୍ତି ଆଦି ବିଚାରକୁ ନେଇ ସେମାନେ ଟାର୍ଗେଟ କରୁଛନ୍ତି । ଚୋରି ପାଇଁ ଗ୍ରୀନ ସିଗ୍‌ନାଲ ମିଳିବା ପରେ ଗାଡ଼ି ଚୋରି କରାଯାଉଛି। ଚୋରି ପରେ ଆଗରୁ ପଛରୁ ପାଇଲଟିଂ କରି ସୁରକ୍ଷା ବଳୟରେ ଗାଡ଼ିକୁ ନିଆଯାଉଛି। ନିକଟରେ ନୟାଗଡ଼ ଟାଉନ ଓ ଇଟାମାଟି ଥାନା ଅଞ୍ଚଳରେ ଗିରଫ ହୋଇଥିବା ଗାଡ଼ି ଚୋରଙ୍କ ସ୍ୱୀକାରୋକ୍ତିକୁ ଅନୁଧ୍ୟାନ କଲେ ଏହା ସ୍ପଷ୍ଟ ହୋଇ ଯାଉଛି ।

ନୟାଗଡ଼ ଜିଲା ସଦର ମହୁକମାରେ ଲୋକସଂଖ୍ୟା ବଢ଼ି ଚାଲିଛି । ଏଭଳିସ୍ଥଳେ ଚୋରମାନେ ଜିଲା ସଦର ମହକୁମାକୁ ଟାର୍ଗେଟ କରି ଚକର କାଟି ଗାଡ଼ି ଚୋରି କରିବାକୁ ପ୍ରସ୍ତୁତି ହେଉଛନ୍ତି । ଏଣୁ ଜିଲା ସଦର ମହକୁମାରେ ଅନେକ ଅଚିହ୍ନା ଯୁବକ ପଇନ୍ତରା ମାରୁଛନ୍ତି । ତେବେ ସେହି ଯୁବକଙ୍କୁ ଚିହ୍ନଟ କରିବା କାଠିକର ପାଠ । ଗାଡ଼ି ଚୋରି ପରେ ପୋଲିସ ଚୋର ଦଳକୁ ଧରିବାକୁ ଉଦ୍ୟମ କରୁଛି। କେଉଁଠି ସଫଳ ହେଉଛି ଆଉ କେଉଁଠି ପତ୍ତା ପାଉ ନାହିଁ। ଏନେଇ ଜଣେ ଗାଡ଼ି ଚୋର ନିଜ ନାମ ଗୋପନ ରଖି କହିଛନ୍ତି, ଆମେ ବେକାର। ରୋଜଗାର ନ ଥିବାରୁ ଚୋରି କରିବାକୁ ବାଧ୍ୟ ହେଉଛୁ। ପୋଲିସ ଆମକୁ ଧରି ଜେଲ ପଠାଉଛି । ହେଲେ ଆମେ ଜେଲରୁ ଆସିବା ପରେ ପୁଣି ଚୋରି କରୁଛୁ । ହେଲେ କିଛି ଦିନ ପାଇଁ ଆମେ ଜିଲା ପରିବର୍ତ୍ତନ କରିଥାଉ। ସବୁ ଗାଡ଼ି ଚୋରିରେ ଆମ ଧରା ପଡୁ ନାହୁଁ । ଦରକାର ପଡିଲେ ଗାଡ଼ି ଚୋରି ବଦଳରେ ଘରେ ପଶି ବି ଚୋରି କରୁଛୁ। ଏନେଇ ଟାଉନ ଥାନା ଆଇଆଇସି ଜୟଦୀପ ମହାନ୍ତି କୁହନ୍ତି, ଚୋରମାନେ ବିଭିନ୍ନ କୌଶଳ ଆପଣେଇ ଗାଡ଼ି ଚୋରି କରୁଛନ୍ତି । ଧରା ନ ପଡିବା ପାଇଁ ଫନ୍ଦି ଫିକର କରୁଛନ୍ତି । ଏପରି କି ଚୋରି ପରେ ପାଇଲଟିଂ କରି ଗାଡ଼ି ନେଉଛନ୍ତି । ପୁଣି ଚୋରିରେ ସ୍ଥାନୀୟ ଲୋକଙ୍କୁ ସାମିଲ କରି ଚୋରି କରୁଛନ୍ତି। ଆମେ ବିଭିନ୍ନ ସମୟରେ ଗାଡ଼ି ଚୋର ର୍ୟାକେଟ୍‌କୁ ଧରିବାରେ ସଫଳ ହେଉଛୁ। ତେବେ ଗାଡ଼ି ମାଲିକ ନିଜର ଗାଡ଼ିକୁ ଦାୟିତ୍ୱରେ ରଖିବା ଦରକାର ବୋଲି ସେ କହିଛନ୍ତି। ପୁଣି ଅଚିହ୍ନା ଲୋକଙ୍କୁ ଦେଖିଲେ ପୋଲିସକୁ ଅବଗତ କରିବା ଦରକାର ବୋଲି ସେ ପରାମର୍ଶ ଦେଇଛନ୍ତି ।

## ସଂକ୍ଷେପରେ

### ଋଣ ଆଦାୟ୍ କରି ଡିପୋଜିଟ କଲେନି

**୯୬ ହଜାର ଠକେଇ ପରେ ବ୍ୟାଙ୍କ କର୍ମଚାରୀଙ୍କ ନାଁରେ ମାମଲା**

**ନୟାଗଡ ଅଫିସ,୬।୧୦:** ଋଣ ଆଦାୟ୍ କରି ଡିପୋଜିଟ୍ ନ କରି ୯୬ ହଜାର ଟଙ୍କା ଠକେଇ କରି ନେବା ପରେ ନୟାଗଡ଼ ଜିଲା ଇଟାମାଟି ଥାନା ନାଚୁଗାଁ ସ୍ଥିତ ଜନସ୍ମଲ ଫାଇନାନ୍ସ ବ୍ୟାଙ୍କର କଲେକଶନ ଏକ୍‌ଜିକ୍ୟୁଟିଭ ଶକ୍ତି କୁମାର ମିଶ୍ରଙ୍କ ନାଁରେ ମାମଲା ହୋଇଛି। ପୋଲିସ ଏହାର ତଦନ୍ତ କରୁଛି। ଶାଖା ମୁଖ୍ୟ ଜ୍ୟୋତି ରଞ୍ଜନ ପ୍ରଧାନଙ୍କ ଅଭିଯୋଗ ଅନୁସାରେ, କଲେକଶନ ଏକଜ୍ୟୁକ୍ୟୁଟିଭ ଶକ୍ତି ବିଭିନ୍ନ ସମୟରେ ଋଣ ଆଦାୟ୍ କରି ୯୬ ହଜାର ଠକେଇ କରି ନିଜ ପାଖରେ ରଖିଲେ। ବ୍ୟାଙ୍କ ପକ୍ଷରୁ ତଦନ୍ତ ପରେ ସେ ଠକେଇ କରିଥିବା ଜଣାପଡିଥିଲା। ଥାନାରେ ଅଭିଯୋଗ ପରେ ପୋଲିସ ନଂ. ୧୫୪/୨୧ରେ ମାମଲା ରୁଜୁ କରି ତଦନ୍ତ କରୁଛି।

### ଦୁଇ ଆଇଆଇସିଙ୍କ ଅଦଳବଦଳ

**ନୟାଗଡ଼ ଅଫିସ,୬।୧୦:** ନୟାଗଡ଼ ପୋଲିସ ଜିଲାରେ ଦୁଇ ଆଇଆଇସିଙ୍କ ଅଦଳବଦଳ ହୋଇଛି। ନୟାଗଡ଼ ଟାଉନ ଥାନା ଆଇଆଇସି ଜୟଦୀପ ମହାନ୍ତିଙ୍କର ଓଡ଼ଗାଁ ଆଦର୍ଶ ଥାନାକୁ ବଦଳି ହୋଇଛି। ଅନ୍ୟପକ୍ଷେ ଓଡ଼ଗାଁ ଆଦର୍ଶ ଥାନା ଆଇଆଇସି ପ୍ରଜ୍ଞା ପାରମିତା ଜେନାଙ୍କର ନୟାଗଡ଼ ଟାଉନ ଥାନାକୁ ନୟାଗଡ ଏସ୍‌ପି ସିଦ୍ଧାର୍ଥ କାଟରିଆ ବଦଳି କରିଛନ୍ତି ।

### ୨୦ ଲିଟର ଦେଶୀ ମଦ ଜବତ

**ନୟାଗଡ ଅଫିସ,୬।୧୦:** ଶରଣକୁଳ ଥାନା ପୋଲିସ ଜିରିପଡା ଗାଁରୁ ୨୦ ଲିଟର ଦେଶୀ ମଦ ଜବତ କରିଛି। ଦେଶୀ ମଦ ବିକ୍ରି ଅଭିଯୋଗରେ ଜିରିପଡାର ବିଜୟ ପ୍ରଧାନଙ୍କୁ ଗିରଫ କରିଛି। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯିବ। ଏ ନେଇ ପୋଲିସ ନଂ.୧୧୩/୨୧ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସେବା ସପ୍ତାହ

**ଦଶପଲ୍ଲା,୬।୧୦(ଡି.ଏନ.ଏ.):** ଅକ୍ଟୋବର ୨ରୁ ୯ ପର୍ଯ୍ୟନ୍ତ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଦେଶବ୍ୟାପୀ ସେବା ସପ୍ତାହ ଭାବେ ପାଳନ କରୁଛି। ସ୍ଥାନୀୟ ସ୍ୱୟଂ ସେବକମାନେ କେତେଜଣ ଖବର କାଗଜ ବିତରକ ଏବଂ ଗୋ ସେବକମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ସାଧାରଣ ଲୋକ ବିଛଣା ଛାଡିବା ବେଳକୁ ଖରା,ବର୍ଷା, ଶୀତକୁ ଖାତିର ନ କରି ଯେଉଁମାନେ ଖବର କାଗଜ ପହଞ୍ଚେଇ ଦିଅନ୍ତି, ସେମାନଙ୍କୁ ଉପାୟନ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯିବା ସହିତ ଗୋସେବକମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାକୁ ମାନସ ସାହୁ, ଭଗବାନ ଦେହୁରୀ, ଅଜୟ୍ କୁମାର ବେହେରା ଏବଂ ସରୋଜ କୁମାର ମିଶ୍ର ପ୍ରମୁଖ ଆୟୋଜନ କରିଥିଲେ।

### ଯୁବ ରେଡକ୍ରସ ସ୍ୱେଚ୍ଛାସେବୀଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ବୁଗୁଡ଼ା,୬।୧୦(ଡି.ଏନ.ଏ.):** ଭାରତୀୟ ରେଡକ୍ରସ ସୋସାଇଟି ଓଡ଼ିଶା ରାଜ୍ୟ ଶାଖା ସହାୟତାରେ ପିପୁଲ୍ସ କଲେଜର ଯୁବ ରେଡକ୍ରସ ସଂସ୍ଥା ପକ୍ଷରୁ ସ୍ୱପରିସରରେ ସ୍ୱେଚ୍ଛାସେବୀଙ୍କ ଦକ୍ଷତା ବୃଦ୍ଧି ପାଇଁ ଆୟୋଜିତ ତ୍ରିଦିବସୀୟ ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧକ୍ଷ ରଜନୀ କାନ୍ତ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ତହସିଲଦାର ସଂଗ୍ରାମ କେଶରୀ ଜେନା, ମୁଖ୍ୟବକ୍ତା ପୋଲସରା କଲେଜ ଅଧକ୍ଷ ଦିବାକର ମିଶ୍ର ଏବଂ ସମ୍ମାନିତ ଅତିଥି ପୋଲିସ ଏସ୍‌ଆଇ ଶର୍ମିଷ୍ଠା କୁମାରୀ ପ୍ରଧାନ ଯୋଗଦେଇଥିଲେ।

## ସଂକ୍ଷେପରେ

### ମା'ବିମଳାଙ୍କ ଧବଳମୁଖୀ ବେଶ

**ନବରାତ୍ର ପୂଜା ଆରମ୍ଭ**



**ଖଣ୍ଡପଡ଼ା, ୬।୧୦ (ସ୍ୱ.ପ୍ର.):** ବୁଧବାରଠାରୁ ଶ୍ରୀନୀଳମାଧବଙ୍କ ମନ୍ଦିରରେ ପୂଜକ ସମାଜ ପକ୍ଷରୁ ନବରାତ୍ର ପୂଜା ଆରମ୍ଭ ହୋଇଛି । ଏଥିସହିତ ପୀଠର ଇଷ୍ଟଦେବୀ ମା'ବିମଳାଙ୍କ ୧୬ପୂଜା ଦ୍ୱିତୀୟା ଓଷାଠାରୁ ଆରମ୍ଭ ହୋଇଛି । ଏହି ପୂଜା ମହାନବମୀ ପର୍ଯ୍ୟନ୍ତ ଚାଲିବ । ଏହି ଅବସରରେ ପ୍ରତିଦିନ ଚଣ୍ଡୀପାଠ, ହୋମଯଜ୍ଞ କରାଯାଉଛି । କର୍ତ୍ତା ଭାବେ ବ୍ରଜରାଜ ମିଶ୍ର ଓ ପୁରୋଧା ଭାବେ ଶ୍ରୀକାନ୍ତ ମିଶ୍ର ଯଜ୍ଞ ଦାୟିତ୍ୱ ତୁଲାଉଛନ୍ତି । ମା'ଙ୍କ ନିକଟରେ ପ୍ରତିଦିନ ଖଇ, କୋରା, କାକରା, ଫଳମୂଳ, ଖିରି, ଖେଚୁଡ଼ି ଓ ଅନ୍ନଭୋଗ ଲାଗି କରାଯିବାର ବ୍ୟବସ୍ଥା କରାଯାଇଛି । ନବରାତ୍ରର ପ୍ରଥମ ଦିନ ଅର୍ଥାତ୍ ବୁଧବାର ମା' ଧବଳମୁଖୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି ।

# ଡକାୟତି ଉଦ୍ୟମ ପଣ୍ଡ, ୪ ଗିରଫ

**ଆସିକା,୬।୧୦(ଡି.ଏନ.ଏ.)**

**୧୦ ବୋମା, ମାରଣାସ୍ତ୍ର ଜବତ**

ଆସିକା ଏନ୍‌ଏସି ଅନ୍ତର୍ଗତ ସୁବର୍ଣ୍ଣେଶ୍ୱର ମନ୍ଦିର ବେଢାରେ ମଙ୍ଗଳବାର ବିଳମ୍ବିତ ରାତିରେ ଚାଲିଥିବା ଏକ ଡକାୟତି ଯୋଜନାକୁ ପୋଲିସ ପଣ୍ଡ କରିଛି। ସେଠାରୁ ୪ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୨ ଜଣ ଫେରାର ହୋଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଆସିକା ଏନ୍‌ଏସି ପାକଲାପଲ୍ଲୀର ଗୌତମ ପୋଲାଇ ଓରଫ ସିଲୁ, ରଘୁନାଥନଗରର ଆଶିସ ନାହାକ, ପାକଲାପଲ୍ଲୀର ସୁରେଶ ପ୍ରଧାନ ଓ କବିସୂର୍ଯ୍ୟନଗର ଥାନା ରାମ୍ଭୁଡି ଗ୍ରାମର ସିଦ୍ଧାର୍ଥ ବାରିକ। ଅଭିଯୁକ୍ତମାନଙ୍କ ନିକଟରୁ ଗୋଟିଏ ବନ୍ଧୁକ, ଦୁଇଟି ଗୁଳି, ୨ଟି ବାଇକ, ୧୦ଟି ବୋମା, ଖଣ୍ଡା, ଭୁଜାଲି ଓ ଲଙ୍କାଗୁଣ୍ଡ ଆଦି ଜବତ କରାଯାଇଛି।



ଗିରଫ ଅଭିଯୁକ୍ତମାନଙ୍କ ସମ୍ପର୍କରେ ପୋଲିସ ସୂଚନା ଦେଉଛି।

ବୁଧବାର ଆସିକା ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପୋଲିସ ଏହି ସୂଚନା ଦେଇଛି।

ଅଭିଯୁକ୍ତମାନେ ଏକାଧିକ ଆପରାଧିକ କାର୍ଯ୍ୟକଳାପରେ ସଂପୃକ୍ତ ଥିବା ନେଇ ପୋଲିସ ତାଲିକାରେ ରହିଛି। ସେମାନେ ଆସିକା ସହରର ଏକ ସୁନା ଦୋକାନରୁ ଡକାୟତି କରିବା ଲାଗି ଯୋଜନା କରୁଥିବା ପୋଲିସ କୌଣସି ସୂତ୍ରରୁ ଖବର ପାଇଥିଲା। ଆସିକା ଥାନା ସବଇନ୍ସପେକ୍ଟର ବିଶ୍ୱଜିତ ନାୟକ, ଅନିଲ ସାହୁ, ଚାପଧର ପ୍ରଧାନ ପ୍ରମୁଖ ଚଢାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି। ଏ ନେଇ ନଂ.୬୪୭/୨୧ରେ ଏକ ମାମଲା ରୁଜୁ କରାଯାଇଛି।

# ଖଣ୍ଡପଡ଼ା-ବାଣପୁର ରାସ୍ତା ଦୁର୍ଘଟଣାପ୍ରବଣ

**ଖଣ୍ଡପଡ଼ା,୬।୧୦(ସ୍ୱ.ପ୍ର.)**

**ଖାଲରେ ପଡ଼ି ଦମ୍ପତି ଗୁରୁତର**

ଖଣ୍ଡପଡ଼ା-ବାଣପୁର ରାସ୍ତା ଦୁର୍ଘଟଣାପ୍ରବଣ ଅଞ୍ଚଳ ହୋଇପଡିଛି। ପ୍ରତିଦିନ ସେହି ରାସ୍ତାରେ ଛୋଟ, ବଡ଼ ଦୁର୍ଘଟଣା ଘଟୁଛି । ନିମ୍ନମାନର କାମ ପାଇଁ ରାସ୍ତାର ବିଭିନ୍ନ ସ୍ଥାନରେ ଖାଲ ସୃଷ୍ଟି ହୋଇଛି । ସେହି ଖାଲରେ ବର୍ଷାପାଣି ଜମି ରହିବା ଯୋଗୁ ଗାଡ଼ିଚାଳକମାନେ ସେଥିରେ ପଡ଼ି ଆହତ ହେଉଛନ୍ତି । ମଙ୍ଗଳବାର ରାତିରେ ନୟାଗଡ଼ରୁ ନରସିଂହପୁରକୁ ବାଇକ୍‌ରେ ଫେରୁଥିବା ଏକ ଦମ୍ପତି ସେହି ଖାଲରେ ପଡ଼ି ଆହତ ହୋଇଥିବା ସୂଚନା ମିଳିଛି । ବିଶେଷକରି ଶୁଳିଆ ଛକରୁ ବାଣପୁର ଯିବା ରାସ୍ତାର ମାତ୍ର ୨ଶହ ଫୁଟ ଦୂରରେ ଏକାଧିକ ଖାଲ ସୃଷ୍ଟି ହୋଇ ସେଥିରେ ବର୍ଷା ପାଣି ଜମିରହିଛି। ଏଥିସହିତ ଉକ୍ତ ରାସ୍ତାର ପୂର୍ବ ପାର୍ଶ୍ୱରେ ଥିବା ଧାନକ୍ଷେତରେ ବର୍ଷା ଓ ପାହାଡରୁ ଝରିଆସୁଥିବା ପାଣି ଜମା ହୋଇ ରାସ୍ତା ଉପରେ ପ୍ରବାହିତ ହେଉଥିବାରୁ ଯାତାୟାତରେ ସମସ୍ୟା ସୃଷ୍ଟି କରୁଛି । ଏହି କାରଣରୁ ରାସ୍ତାର କେତେକ ସ୍ଥାନ ଦବି ଯାଇଛି । ସେହି ରାସ୍ତାରେ ପ୍ରତିଦିନ ଶତାଧିକ ବାଲି ବୋଝେଇ ହାଇୱା, ଯାତ୍ରୀବାହୀ ବସ୍ ଓ ଭାରିଯାନ ଯାତାୟାତ କରୁଥିବାରୁ ତା'ର ପ୍ରଭାବ ରାସ୍ତା ଉପରେ ପଡୁଛି ବୋଲି ଅଭିଯୋଗ ହୋଇଛି । ଏ ସଂକ୍ରାନ୍ତରେ ପୂର୍ତ୍ତ ବିଭାଗ ଏସ୍‌ଡିଓ ଇଂ. ବିଜୟ କୁମାର ସେଠୀଙ୍କ ସହ ଯୋଗାଯୋଗ କରାଯାଇଥିଲା । ସେ କହିଛନ୍ତି, ରାସ୍ତା ତଳେ ମହାନଦୀରୁ ନୟାଗଡ଼କୁ ଯାଇଥିବା ଜଳ ଯୋଗାଣ ପାଇପ ଲିକ୍ ହୋଇ ମୃତ୍ତିକା କ୍ଷୟ କରୁଛି। ଏଥିଯୋଗୁ ରାସ୍ତା ନଷ୍ଟ ହେଉଛି। ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ରାସ୍ତା ପାର୍ଶ୍ୱର ଡ୍ରେନ ପୋତି ହୋଇଯାଇଥିବାରୁ ତା' ସଂଲଗ୍ନ ଚାଷ ଜମିର ଜଳ ରାସ୍ତା ଉପରେ ପ୍ରବାହିତ ହେଉଛି। ଏହା ମଧ୍ୟ ଅନୁରୂପ ସମସ୍ୟା ସୃଷ୍ଟି କରୁଛି। ତୁରନ୍ତ ଏ ସଂକ୍ରାନ୍ତରେ ପଦକ୍ଷେପ ନେବାକୁ ସ୍ଥାନୀୟ ସରପଞ୍ଚ ଦାବି କରିଛନ୍ତି।

**EXPRESSION OF INTEREST**

LIC Colony, Maitrivihar, Bhubaneswar invites EOI from interested firms for installation of CCTV surveillance system in the colony. Last date for receiving of bids is 17.10.2021 upto 5.00 PM. For details contact-9078782844.

Secretary

# ବଧୂହତ୍ୟା ଅଭିଯୋଗରେ ସ୍ୱାମୀ, ଶାଶୁ ଜେଲ ଗଲେ

**ଓଡ଼ଗାଁ, ୬।୧୦(ସ୍ୱ.ପ୍ର.)**

ଓଡ଼ଗାଁ ଆଦର୍ଶ ଥାନା ଅନ୍ତଗତ ମଶାବାରୀ ଗାଁରେ ବଧୂହତ୍ୟା ଅଭିଯୋଗରେ ପୋଲିସ ସ୍ୱାମୀ ଓ ଶାଶୁଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଶାଶୁ ହୀନ ଦାସ ଓ ସ୍ୱାମୀ ଗୁରୁ। ପୋଲିସ ସୂଚନା ଅନୁସାରେ ଗୁରୁ ୩ ବର୍ଷ ପୂର୍ବେ ଇଟାମାଟି ଥାନା ଲାଠିପଡା ପାଇକ ସାହିର ଦୈତାରୀ ମହାନ୍ତିଙ୍କ ଝିଅ ସୁଷମାଙ୍କୁ ବିବାହ କରିଥିଲେ। ଉଭୟଙ୍କ ଗୋଟିଏ ସନ୍ତାନ ଥିଲେ ସୁଦ୍ଧା ମା', ପୁଅ ମିଳିମିଶି ସୁଷମାଙ୍କୁ ଯୌତୁକଜନୀତ ନିର୍ଯାତନା ଦେବା ସହ ମାରପିଟ କରୁଥିଲେ। ଏ ନେଇ ବହୁବାର ଭଦ୍ରଲୋକଙ୍କ ମାଧ୍ୟମରେ ଅପୋଷ ମିଳାମିଶା କରାଯିବାରେ ସୁଷମା ନିଜ ଶାଶୁ ଘରେ ରହି ଆସୁଥିଲେ। ହେଲେ ପୁଣି ଥରେ ଦୁତିୟା ଓଷା ଭାର ବିଳମ୍ବକୁ ନେଇ ସୁଷମାଙ୍କୁ ସୋମବାର ମାରପିଟ କରାଯାଇଥିଲା। ଏପରିକି ତାଙ୍କୁ ଅତି ଗୁରୁତର ଅବସ୍ଥାରେ ସ୍ଥାନୀୟ ଡାକ୍ତରଖାନାକୁ ଅଣାଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ସୁଷମାଙ୍କ ମା' କୁମାରୀ ଥାନାରେ ତାଙ୍କ ଝିଅଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ। ପୋଲିସ ନଂ. ୧୦୯/୨୧ରେ ମାମଲା ରୁଜୁ କରି ମୃତଦେହ ଜବତ କରିବା ସହ ସୁଷମାଙ୍କ ସ୍ୱାମୀ ଓ ଶାଶୁଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଥିଲା। ହେଲେ ବୁଧବାର ସେମାନଙ୍କୁ ଗିରଫ ଦର୍ଶାଇ କୋର୍ଟ ଚାଲାଣ କରିଥିଲା।

# ପିତୃପକ୍ଷ ଶ୍ରାଦ୍ଧ ଶେଷ ହେଲା

**ଖଣ୍ଡପଡ଼ା,୬।୧୦(ସ୍ୱ.ପ୍ର.)**

ଭାଦ୍ରବ ମାସ ଶୁକ୍ଳପକ୍ଷ ପୂର୍ଣ୍ଣିମାଠାରୁ ଆଶ୍ୱିନ କୃଷ୍ଣପକ୍ଷ ଅମାବାସ୍ୟା ପର୍ଯ୍ୟନ୍ତ ପାଳିତ ହେଉଥିବା ପିତୃପକ୍ଷ ଶ୍ରାଦ୍ଧର ଅନ୍ତିମ ଦିବସକୁ ମହାଳୟା କୁହାଯାଏ । ଅପରପକ୍ଷ (ପିତୃପକ୍ଷ)ଠାରୁ ପିତୃଋଣ ଶୁଝିବା ଲକ୍ଷ୍ୟରେ ଆରମ୍ଭ ହୋଇଥିବା ଶ୍ରାଦ୍ଧ, ତର୍ପଣ ଓ ପିଣ୍ଡଦାନ ବୁଧବାର ଶେଷ ହୋଇଛି । ଏହି ଅବସରରେ ବୁଧବାର ଖଣ୍ଡପଡ଼ା, ଖଳିସାହି, ସିଧାମୂଳା, ବେଣାଗାଡ଼ିଆ, ଜଗନ୍ନାଥ ପ୍ରସାଦ, କଣ୍ଟିଲୋ ଓ ଏହାର ଆଖପାଖ ଅଞ୍ଚଳରେ ପିତୃପକ୍ଷ ଶ୍ରାଦ୍ଧ ପାଳିତ ହୋଇଛି । କେତେଜଣ ପରିବାର ସଦସ୍ୟ ବୁଧବାର ନୀଳମାଧବ ମନ୍ଦିରରେ ପିଣ୍ଡଦାନ କରିଥିବା ବେଳେ ବହୁ ଲୋକ ନିଜ ଘରେ ପିତୃପକ୍ଷ ଶ୍ରାଦ୍ଧ କରିଛନ୍ତି ।

# ଗଜପତିର ସଫଳ ଚାଷୀ ଦୀନବନ୍ଧୁ

**ଆର.ଉଦୟଗିରି, ୬।୧୦(ଡି.ଏନ.ଏ.)**

ଦୀନବନ୍ଧୁ କାର୍ଜୀ ଗଜପତି ଜିଲା ଆର୍.ଉଦୟଗିରି ବ୍ଲକ ଅଧୀନସ୍ଥ ସୁବଲଡା ଗ୍ରାମପଞ୍ଚାୟତରେ ଥିବା ଏସ୍.ଗୁଡିସାହି ଗ୍ରାମର ଜଣେ ଗରିବ ଆଦିବାସୀ କୃଷକ ; ଯାହାର ୬ ଏକର ଶୁଖିଲା ଜମି ଅଛି। ବହୁ ଦିନରୁ ସେ କେବଳ ବିରି, ଡିଳା, ମାଣ୍ଡିଆ ଆଦି ଚାଷ କରୁଥିଲେ ଏବଂ ତାଙ୍କର ବାର୍ଷିକ ଆୟ ମାତ୍ର ୫୦୦୦ ରୁ ୨୦୦୦୦ ଟଙ୍କା ମଧ୍ୟରେ ପାଉଥିଲେ। ୨୦୦୯ରେ ପ୍ରଥମ ଥର ପାଇଁ ୫୦୦ ଆଦିବାସୀ କୃଷକଙ୍କ ବିକାଶ ପାଇଁ ସୁରକ୍ଷା ସ୍ୱେଚ୍ଛାସେବୀ ଅନୁଷ୍ଠାନର ସହଭାଗିତାରେ ନାବାର୍ଡଙ୍କ ସହଯୋଗରେ ଜିଲାରେ ୱାଡି (ବିସ୍ତୃତ ଆଦିବାସୀ ବିକାଶ କାର୍ଯ୍ୟକ୍ରମ) ପ୍ରକଳ୍ପ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମ ସଚେତନତା ଶିବିର ମାଧ୍ୟମରେ ୨୦୧୦ରେ ଦୀନବନ୍ଧୁ ସ୍ୱେଚ୍ଛାକୃତ ଭାବେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ପ୍ରୋଗ୍ରାମ ଉପାଦାନ ଅନୁଯାୟୀ ଆମ୍ବ, ଲେମ୍ବୁ ଏବଂ ଲିଚି ଚାରା ସହିତ ୩ ବର୍ଷର ରକ୍ଷଣାବେକ୍ଷଣ ଏବଂ ମୃତ୍ତିକା ଓ ଆର୍ଦ୍ରତା ସଂରକ୍ଷଣ କାର୍ଯ୍ୟକ୍ରମ, ଜଳ ଉତ୍ସ ବିକାଶ (ପମ୍ପ ସେଟ୍ ସହିତ ନଳକୂପ), ଅନ୍ତଫସ୍ଲ, ବୋର୍ଡର କ୍ରପ୍ ପାଇଁ ମଧ୍ୟ ସହାୟତା ପାଇଥିଲେ। ଦିନକୁ ଦିନ ଚାଷର ଉନ୍ନତି ଲାଗି ସେ ଘର ପଛରେ ବଳଦ, ଗାଈ ଓ କୁକୁଡା ପାଳନ କରି ଜୀବିକା ସହାୟତା ପାଇଁ ଆଗ୍ରହୀ ହେଲେ। ବର୍ତ୍ତମାନ ସେ ୨୦ଟି ଛେଳି, ୨୫ କୁକୁଡା, ୩ ଗାଈ ଏବଂ ୨ଗୋଟି ବଳଦ ରଖିଛନ୍ତି। ସେହିଭଳି ତାଙ୍କ ଜମି ସୀମାରେ ଥିବା ଜଙ୍ଗଲ ମଧ୍ୟରେ ବନବିଭାଗର ଗଛ, କନ୍ଦାଜାତୀୟ ଫସଲ (ୟାମ) ଆଦି ରୋପଣ କରିଛନ୍ତି। ହଳଦୀ, ଅଦା ଓ ପନିପରିବା ଚାଷ କରୁଛନ୍ତି। ନିଜ ବାଡି ମଧ୍ୟରେ ତାଙ୍କୁ ସୀତାଫଳ, ଅମୃତଭଣ୍ଡା, ସର୍ଜନା ଏବଂ କଦଳୀ ଇତ୍ୟାଦି ଇଣ୍ଟର-ଫିଲର୍ ଫସଲକୁ ମଧ୍ୟ ପ୍ରୋତ୍ସାହିତ କରାଯାଇଥିଲା। ଦୀନବନ୍ଧୁ କିନ୍ତୁ ଜୈବିକ କୃଷି ମଡେଲ ଛାଡି ନ ଥିଲେ। ତେଣୁ ସେ ତାଙ୍କ ଫାର୍ମରେ ଜିଆଖତ, ବାୟୋ ଡିକମ୍ପୋଜର, ଜୀବମୃତ ଏବଂ ହାଣ୍ଡି ଖାତକୁ ମଧ୍ୟ ପ୍ରୋତ୍ସାହିତ କରୁଛନ୍ତି। ଆଗରୁ ମକା ଚାଷ କରୁଥିଲେ କିନ୍ତୁ ସେଥିରେ କ୍ଷତି ହେଉଛି ଭାବି ୨୦୧୯ରେ ମକାଚାଷ ଛାଡ଼ିଦେଲେ। ଓଡ଼ିଶା ମିଲେଟ ମିଶନ ସହାୟତାରେ ମାଣ୍ଡିଆ ଚାଷ ଆରମ୍ଭକରି ତାଙ୍କ ପରିବାର ପାଇଁ ପୁଷ୍ଟିକର ଖାଦ୍ୟ ପାଇବା ସହିତ ସରକାରୀ ଦରରେ ମଣ୍ଡିରେ ମାଣ୍ଡିଆ ବିକ୍ରୟ କରି ଅଧିକ ପଇସା ପାଉଛନ୍ତି। କିଛିଦିନ ତଳେ ଦୀନବନ୍ଧୁଙ୍କ ବାଡିକୁ ଗଜପତି ଜିଲାର ଜିଲାସ୍ତରୀୟ ସରକାରୀ କର୍ମଚାରୀ ଯଥା ଜିଲା କୃଷିଅଧିକାରୀ ଆର୍.ଉଦୟଗିରି, ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ, ଜିଲା ପଶୁସମ୍ପଦ ଅଧିକାରୀ, ଜିଲା ମାଛ ଚାଷ ଅଧିକାରୀ ଓ ୱାସନ ସଂଗଠନର ଜିଲା ସଂଯୋଜିକା ପରିଦର୍ଶନ କରିଥିଲେ। ସେମାନଙ୍କୁ ଦୀନବନ୍ଧୁ କହିଥିଲେ, ପ୍ରଥମ ନିବେଶ ହିସାବରେ ୧ ଏକର ୱାଡିର ବିକାଶ ପାଇଁ ନାବାର୍ଡ ସହାୟତା ୪୦ହଜାର ଟଙ୍କା ଥିଲା। ୬ ବର୍ଷ ପରେ ବାର୍ଷିକ ଉଦ୍ୟାନ କୃଷି ଫଳ ବିକ୍ରି କରି ୫୦ହଜାର ଟଙ୍କା, କନ୍ଦା ଜାତୀୟ ଫସଲ ବିକ୍ରିକରି ୨୦ହଜାର ଟଙ୍କା, ପନିପରିବା, ମକା ଓ ମାଣ୍ଡିଆ ବିକ୍ରି କରି ୨୫ହଜାର ଟଙ୍କା, ଛେଳି ବିକ୍ରୟ କରି ୨୫ହଜାର ଟଙ୍କା, କୁକୁଡ଼ା ବିକ୍ରୟ କରି ୫ହଜାର ଟଙ୍କା ଏହିଭଳି ଭାବେ ବାର୍ଷିକ ୧ଲକ୍ଷ ୩୦ହଜାର ଟଙ୍କା ଆଦାୟ ହେଉଛି। ବିନିଯୋଗ ମୂଲ୍ୟ, ଶ୍ରମ ବିହନ ଆଦିକୁ ମିଶାଇ ୩୦ହଜାର ଟଙ୍କା ଖର୍ଚ୍ଚ କରୁଛନ୍ତି ଓ ବଳକା ୧ ଲକ୍ଷ ଲାଭ ପାଉଛନ୍ତି।

